<u>ସୂଚିତଯୋଗ୍ୟ</u>

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**
**ଅପରାଧିକ ଆବେଦନ ଅଧିକାରିତା**

**<u>ଫୌଜଦାରୀ ଆବେଦନ ସଂଖ୍ୟା ୧୨୫/୨୦୨୧</u>**
**(ଏସ୍ଏଲ୍ ପି (ସିଆରଏଲ୍) ସଂଖ୍ୟା ୬୧୭୪/୨୦୨୦ ରୁ ଉତ୍ପନ୍ନ)**

**ପ୍ରଭାତ ଚନ୍ଦ୍ର ମହାନ୍ତି ...... ଆବେଦନକାରୀ (ମାନେ)**

**ବନାମ**

**ଓଡିଶା ରାଜ୍ୟ ଏବଂ ଅନ୍ୟଜଣେ ...... ଉତ୍ତରଦାତା (ମାନେ)**

**<u>ଏହା ସହିତ</u>**

**<u>ଫୌଜଦାରୀ ଆବେଦନ ସଂଖ୍ୟା ୧୨୬/୨୦୨୧</u>**
**(ଏସ୍ଏଲ୍ ପି (ସିଆରଏଲ୍) ସଂଖ୍ୟା ୬୨୨୪/୨୦୨୦ ରୁ ଉତ୍ପନ୍ନ)**

**ପ୍ରତାପ କୁମାର ଚୌଧୁରୀ ...... ଆବେଦନକାରୀ (ମାନେ)**
**(ନ୍ୟାୟିକ ହେପାଜତରେ)**

**ବନାମ**

**ଓଡିଶା ରାଜ୍ୟ ...... ଉତ୍ତରଦାତା (ମାନେ)**

**<u>ରାୟ</u>**

## <u>ଅଶୋକ ଭୂଷଣ, ନ୍ୟାୟମୂର୍ତ୍ତି</u>

ଅନୁମତି ପ୍ରଦାନ କରାଗଲା ।

**୨.** ଆବେଦନକାରୀଙ୍କ ଦ୍ଵାରା ଦାଏର ଫୌଜଦାରୀ ଆବେଦନ ସଂଖ୍ୟା ୨୦୭/୧୯୮୮ ଏବଂ ୨୧୦/୧୯୮୮ କୁ ଖାରଜ କରି ତା ୦୯.୧୧.୨୦୨୦ ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ ଗୋଷ୍ଠୀଗତ ରାୟ ବିରୁଦ୍ଧରେ ଅଭିଯୁକ୍ତମାନଙ୍କ ଦ୍ଵାରା ଏହି ଦୁଇଟି ଆବେଦନ ଦାଖଲ କରାଯାଇଛି । ଆଇପିସି ର ଦଫା ୩୪ ସହିତ ପଠନ କରାଯାଇଥିବା ଦଫା ୩୦୪,୩୪୨, ୩୨୩, ୨୯୪, ୨୦୧, ୧୬୭, ୪୭୭-କ, ୪୭୧ ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ  ଲାଲ୍ ବାଗ ଥାନା ମାମଲା ସଂଖ୍ୟା ୨୭୩/୧୯୮୫ ରେ ଅଭିଯୁକ୍ତ ଥିବା ଉଭୟ ଆବେଦନକାରୀଙ୍କୁ ଦୌରା ବିଚାର ସଂଖ୍ୟା ୨୪୬/୧୯୮୫ ରେ ବିଚାର କରାଯାଇଥିଲା । ଦୌରା ଜଜ୍ ଅଭିଯୁକ୍ତ ପ୍ରତାପ କୁମାର ଚୌଧୁରୀଙ୍କୁ ଆଇ. ପି. ସି. ର ଦଫା ୩୦୪ (ଭାଗ-୨) ଅନୁଯାୟୀ ଆଠ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କୁ ଦଫା ୩୦୪ (ଭାଗ-୨) ଅନୁଯାୟୀ ପାଞ୍ଚ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ସହିତ  ଦୋଷୀ ସାବ୍ୟସ୍ତ କରିଥିଲେ । ତା ୨୯.୦୮.୧୯୮୮ ରିଖ ରାୟ ଦ୍ଵାରା ପୁନଶ୍ଚ ଉଭୟ ଅଭିଯୁକ୍ତଙ୍କୁ ଆଇପିସି ର ଦଫା ୪୬୬ ସହିତ ପଠିତ ଆଇପିସି ର ଦଫା ୪୭୧ ଅନୁଯାୟୀ ତିନି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଆଇପିସି ର ଦଫା ୩୪୨ ଅନୁଯାୟୀ ତିନି ମାସ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଆଇପିସି ର ଦଫା ୩୨୩ ଅନୁଯାୟୀ ଏକ ମାସ ପାଇଁ ସଶ୍ରମ କାରାଦଣ୍ଡ ଆଦେଶ ଦିଆଯାଇଥିଲା ।

**୩.** ବିଚାରଣ ନ୍ୟାୟାଳୟଙ୍କ ରାୟ ଦ୍ଵାରା ବ୍ୟଥିତ ହୋଇ ଆବେଦନକାରୀ ପ୍ରଭାତ ଚନ୍ଦ୍ର ମହାନ୍ତି (ଏହା ପରେ "ମହାନ୍ତି" ଭାବରେ ସୂଚିତ) ଫୌଜଦାରୀ ଆବେଦନ ସଂଖ୍ୟା ୨୦୭/୧୯୮୮ ଏବଂ ପ୍ରତାପ କୁମାର ଚୌଧୁରୀ (ଏହା ପରେ "ଚୌଧୁରୀ" ଭାବରେ

ସୂଚିତ) ଫୌଜଦାରୀ ଆବେଦନ ସଂଖ୍ୟା ୨୧୦/୧୯୮୮ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ନିଜର ତା ୦୯.୧୧.୨୦୨୦ ରିଖର ରାୟ ଏବଂ ଆଦେଶ ଦ୍ୱାରା ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ ଉଭୟ ଆବେଦନର ଫଇସଲା କରିଥିଲେ । ଆଇପିସି ର ଦଫା ୩୪ ସହିତ ପଠିତ ଆଇପିସି ର ଧାରା ୩୦୪ (ଭାଗ ୨) ଏବଂ ଆଇପିସିର ଦଫା ୩୪୨/୩୪ ଅନୁଯାୟୀ ଉଭୟ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତକରଣ ଖାରଜ କରିଦିଆଯାଇଥିଲା ଏବଂ ଆଇପିସି ର ଦଫା ୩୨୩/୩୪ ଏବଂ ୪୭୧/୩୪ ଅନୁଯାୟୀ ସେମାନଙ୍କ ଦୋଷୀ ସାବ୍ୟସ୍ତକରଣ କାଏମ ରଖାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଉଭୟ ଆବେଦନକାରୀଙ୍କୁ ଆଇପିସିର ଦଫା ୩୨୪/୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ । ଆଇପିସି ଦଫା ୩୨୩/୩୪ ଅନୁଯାୟୀ ଏକ ମାସ ପାଇଁ ସାଧାରଣ କାରାବାସ ଲାଗୁ କରାଯାଇଥିଲା । ଆଇପିସି ଦଫା ୪୭୧/୩୪ ଅନୁଯାୟୀ ଅପରାଧ ପାଇଁ ତିନି ମାସ ସାଧାରଣ କାରାବାସ ଏବଂ ଆଇପିସି ଦଫା ୩୨୪/୩୪ ଅନୁଯାୟୀ ଅପରାଧ ପାଇଁ ଏକ ବର୍ଷ ସାଧାରଣ କାରାବାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦଣ୍ଡାରୋପ କରାଯାଇଥିଲା । ସମସ୍ତ ଦଣ୍ଡାଦେଶ ଏକାସାଙ୍ଗରେ ଚାଲିବାର ଥିଲା । ଉପରୋକ୍ତ ରାୟ ଦ୍ୱାରା କ୍ଷୁବ୍ଧ ହୋଇ ଏହି ଆବେଦନଗୁଡ଼ିକ ଦାୟର କରାଯାଇଛି ।

**୪.** ତା ୧୭.୧୨.୨୦୨୦ ରିଖରେ ଯେତେବେଳେ ଏହି ନ୍ୟାୟାଳୟ ଦ୍ୱାରା ଏହି ଆବେଦନ ଗୁଡିକ ନିଆଯାଇଥିଲା, ଆବେଦନକାରୀଙ୍କ ବିଦ୍ୱାନ ଓକିଲ ତାଙ୍କ ଉପସ୍ଥାପନକୁ କେବଳ ଆଇପିସି ଦଫା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ଉପରେ ସୀମିତ

ରଖିଥିଲେ । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଆହୁରି ସ୍ୱେଚ୍ଛାକୃତ ଭାବରେ କହିଥିଲେ ଯେ ଆବେଦନକାରୀମାନେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ଅଛନ୍ତି । ଏହି ନ୍ୟାୟାଳୟ ଦ୍ୱାରା ତା ୧୭.୧୨.୨୦୨୦ ରିଖରେ ନିମ୍ନଲିଖିତ ଆଦେଶ ପାରିତ ହୋଇଥିଲା:

> "ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଆଇପିସିର ଦଫା ୨୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ପାଇଁ ତାଙ୍କ ଉପସ୍ଥାପନକୁ ଏହି ଆଧାରରେ ସୀମିତ ରଖିଛନ୍ତି ଯେ ଯାହା ବ୍ୟବହୃତ ହୋଇଥିଲା ତାହା ଏକ ଲାଠି ଥିଲା । ସେ ସ୍ୱେଚ୍ଛାକୃତ ଭାବରେ କହିଛନ୍ତି ଯେ ଆବେଦନକାରୀମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ଅଛନ୍ତି ଏବଂ ସେମାନେ ବର୍ତ୍ତମାନ ୭୦ ବର୍ଷ ବୟସର ମଧ୍ୟଭାଗରେ ଅଛନ୍ତି । ନ୍ୟାୟାଳୟଙ୍କ ଏକ ଜିଜ୍ଞାସା ଉପରେ ବିଦ୍ୱାନ ଓକିଲ ପ୍ରସ୍ତାବ ଦିଅନ୍ତି ଏବଂ ଦୁଇ ଆବେଦନକାରୀଙ୍କ ପାଇଁ କ୍ଷତିପୂରଣ ବାବଦକୁ ପ୍ରତ୍ୟେକଙ୍କୁ ୩.୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୭ ଲକ୍ଷ ଟଙ୍କା ଏହି ନ୍ୟାୟାଳୟଙ୍କଠାରେ ତିନି ସପ୍ତାହ ମଧ୍ୟରେ ଜମା କରିବାକୁ ରାଜି ହୁଅନ୍ତି, ଯାହାଦ୍ୱାରା ମୃତକଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ ହେବାକୁ ଥିବା ୩ ଲକ୍ଷ ଟଙ୍କା ବିଚାରକୁ ନେଇ ପରିବାରକୁ ଗ୍ରହଣୀୟ ମୋଟ କ୍ଷତିପୂରଣ ୧୦ ଲକ୍ଷ ଟଙ୍କା ହେବ ।
>
> ଶୀତକାଳୀନ ଅବକାଶ ପରେ ପ୍ରଥମ ବିବିଧ ସପ୍ତାହକୁ ଫେରସ୍ତଯୋଗ୍ୟ କରି ମଧ୍ୟବର୍ତ୍ତୀକାଳୀନ ଜାମିନ ତଥା ଏସ୍ ଏଲ୍ ପି ଉପରେ ବିଜ୍ଞପ୍ତି ଜାରି କରନ୍ତୁ ।
>
> ମୃତ ବ୍ୟକ୍ତିଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ଉତ୍ତରଦାତା ଭାବରେ ପକ୍ଷଭୁକ୍ତ କରିବା ଆମେ ଉପଯୁକ୍ତ ବୋଲି ବିବେଚନା କରୁ ।
>
> ପକ୍ଷମାନଙ୍କର ସଂଶୋଧିତ ସ୍ମାରକ ଦାଖଲ କରାଯିବ ।

ଉକ୍ତ ଉତ୍ତରଦାତାମାନଙ୍କୁ ମଧ୍ୟ ବିଜ୍ଞପ୍ତି ଜାରି କରାଯିବ ।

ଏହା ସହିତ ରାଜ୍ୟ ପାଇଁ ସରକାରୀ ଓକିଲଙ୍କ ମାଧ୍ୟମରେ ଦସ୍ତି ଏବଂ ମୃତକଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ବ୍ୟକ୍ତିଗତ ଭାବରେ ଜାରି ହେବ ।"

**୫.** ମୃତକଙ୍କ ଆଇନଗତ ଉତ୍ତରାଧିକାରୀ/ପ୍ରତିନିଧିମାନଙ୍କୁ ଏହି ଆବେଦନରେ ସାମିଲ କରାଯାଇଥିଲା ଏବଂ ସେମାନେ ଏହି ଅଦାଲତରେ ଉପସ୍ଥିତ ହୋଇଥିଲେ । ତା ୦୮.୦୧.୨୦୨୧ ରିଖରେ ନିମ୍ନଲିଖିତ ଆଦେଶ ପାରିତ ହୋଇଥିଲା:

"ଆକ୍ଷେପିତ ରାୟର ପ୍ରମାଣୀକୃତ ନକଲ ଦାଖଲ ଏବଂ ସରକାରୀ ଅନୁବାଦରୁ ଛାଡ଼ ପାଇଁ ଆବେଦନକୁ ଅନୁମତି ଦିଆ-ଯାଇଛି ।

ମୃତକଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଓକିଲଙ୍କ ମାଧ୍ୟମରେ ହାଜର ହୋଇଛନ୍ତି ଏବଂ ତା ୧୭.୧୨.୨୦୨୦ ରିଖରେ ଆବେଦନକାରୀ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ସହିତ ସହମତ ଅଟନ୍ତି, ଯାହା ଆମ ଦ୍ୱାରା ଲିପିବଦ୍ଧ କରାଯାଇଥିଲା।

ରାଜ୍ୟ ପାଇଁ ବିଦ୍ୱାନ ଓକିଲ ନିବେଦନ କରନ୍ତି ଯେ ସେ ଏବେ ଏବେ ହାଜର ହୋଇଛନ୍ତି ଏବଂ ଅନୁଦେଶ ପାଇବାକୁ ଓ ଆବଶ୍ୟକୀୟ ଉପସ୍ଥାପନ କରିବା ପାଇଁ ତାଙ୍କୁ ଏକ ସ୍ୱଳ୍ପ ସମୟ ଦିଆଯାଉ |

ତା ୧୩.୦୧.୨୦୨୧ ରିଖରେ ତାଲିକାଭୁକ୍ତ କରନ୍ତୁ ।

ଉଭୟ ଆବେଦନକାରୀ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଏବଂ ରାଜ୍ୟ ପାଇଁ ବିଦ୍ୱାନ ଓକିଲ ସେମାନଙ୍କ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟପନ୍ଥା ଉପରେ ଆଗୁଆ ଏକ ପୃଷ୍ଠା ସାରାଂଶ ଦାଖଲ କରିବେ ।"

**୬.** ଏହା ପରେ, ଏହି ନ୍ୟାୟାଳୟ ଦ୍ୱାରା ତା ୦୪.୦୨.୨୦୨୧ ରିଖରେ ଆବେଦନଗୁଡ଼ିକର ଶୁଣାଣି କରାଯାଇଥିଲା । ଆମେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ

ବରିଷ୍ଠ ଅଧିବକ୍ତା ଶ୍ରୀ ଆର୍. ବସନ୍ତ ଏବଂ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଯଶୋବନ୍ତ ଦାସଙ୍କୁ ଶୁଣିଛୁ । ଶ୍ରୀ ରବି ପ୍ରକାଶ ମେହରୋତ୍ରା ଓଡିଶା ରାଜ୍ୟ ତରଫରୁ ହାଜର ହୋଇଛନ୍ତି ଏବଂ ସୁଶ୍ରୀ ପ୍ରିୟଙ୍କା ଭୋରା ମୃତକଙ୍କ ଆଇନଗତ ପ୍ରତିନିଧିଙ୍କ ତରଫରୁ ହାଜର ହୋଇଛନ୍ତି ।

**୭.** ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ବସନ୍ତ ନିବେଦନ କରିଛନ୍ତି ଯେ ଏହି ନ୍ୟାୟାଳୟର ତା ୧୭.୧୨.୨୦୨୦ ରିଖର ଆଦେଶ ଅନୁଯାୟୀ ଆବେଦନକାରୀମାନେ ପୂର୍ବରୁ ପ୍ରତ୍ୟେକଙ୍କ ପାଇଁ ୩.୫ ଲକ୍ଷ ଟଙ୍କା ଲେଖାଏଁ ଜମା କରିସାରିଛନ୍ତି । ସେ ନିବେଦନ କରିଛନ୍ତି ଯେ ଆଇନଗତ ପ୍ରତିନିଧିଙ୍କ ତରଫରୁ ହାଜର ହେଉଥିବା ବିଦ୍ୱାନ ଓକିଲ ମଧ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ସହିତ ସହମତ ଅଟନ୍ତି, ତେଣୁ ଆଇପିସି ଦଫା ୩୨୪ ଅନୁଯାୟୀ ଦଣ୍ଡବିଧାନ ଏହି ନ୍ୟାୟାଳୟ ଦ୍ୱାରା ଦଣ୍ଡ ପ୍ରକ୍ରିୟା ସଂହିତାର ଦଫା ୩୨୦ (୨) ଅନୁଯାୟୀ ରଫା କରାଯାଉ ।

**୮.** ବିଦ୍ୱାନ ଓକିଲ ନିବେଦନ କରନ୍ତି ଯେ ଅପରାଧ ଘଟିଥିବା ତାରିଖରେ, ଅର୍ଥାତ ତା ୦୪.୦୫.୧୯୮୫ ରିଖରେ ଆଇପିସି ର ଦଫା ୩୨୪ ଅନୁଯାୟୀ ଅପରାଧଗୁଡ଼ିକ ରଫାଯୋଗ୍ୟ ଥିଲା ଯାହାକୁ ପରବର୍ତ୍ତୀ ସମୟରେ ଅଣ-ରଫାଯୋଗ୍ୟ କରାଯାଇଛି । ସେ ଉପସ୍ଥାପନ କରନ୍ତି ଯେ ଉଭୟ ଆବେଦନକାରୀଙ୍କ ବୟସ ବର୍ତ୍ତମାନ ୭୫ ବର୍ଷରୁ ଅଧିକ ଏବଂ ତା ୧୭.୧୨.୨୦୨୦ ରିଖର ଏହି ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିଥିବାରୁ, ଆବେଦନକାରୀମାନେ ଆଇନଗତ ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରିବାକୁ ଥିବା କ୍ଷତିପୂରଣ ପାଇଁ ରାଶି ଜମା କରିଥିବାରୁ ଅପରାଧଗୁଡିକ ରଫା କରାଯାଉ ।

**୯.** ଉପରୋକ୍ତ ନିବେଦନ ସହିତ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ମଧ୍ୟ ଯୁକ୍ତି କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଇପିସି ଦଫା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ଅପୋଷଣୀୟ । ସେ ନିବେଦନ କରନ୍ତି ଯେ ଆଇପିସି ଧାରା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ଆଇପିସି ଦଫା ୩୨୩ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣରେ ରୂପାନ୍ତରିତ ହେବା ଯୋଗ୍ୟ । ସେ ଉପସ୍ଥାପନ କରିଛନ୍ତି ଯେ ଆଇପିସି ଧାରା ୩୨୪ ର ଉପାଦାନ ନଥିରେ ରଖାଯାଇଥିବା ପ୍ରମାଣରୁ ସୃଷ୍ଟି ହୋଇନାହିଁ । ସେ ଦର୍ଶାଇଛନ୍ତି ଯେ ମୃତକଙ୍କ ଶରୀରରେ ମିଳିଥିବା ସମସ୍ତ ଆଘାତ ସାଧାରଣ ଆଘାତ ଥିଲା । ସେ ନିବେଦନ କରିଛନ୍ତି ଯେ ଅପରାଧର ଅସ୍ତ୍ର କେବଳ ଏକ ଅଣଓସାରିଆ କାଠ ବତା/ଲାଠି, ଯେଉଁଥିରେ ମୃତ୍ୟୁ ହେବାର ସମ୍ଭାବନା ନଥିଲା, ତେଣୁ, ଦଫା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ଅନ୍ୟାୟ ଥିଲା । ସେ ଆହୁରି ଯୁକ୍ତି ବାଢ଼ିଛନ୍ତି ଯେ ଆଇପିସି ର ଧାରା ୩୨୩ ଅନୁଯାୟୀ ଏହି ଅପରାଧକୁ ରୂପାନ୍ତରିତ କରାଯିବ କିମ୍ବା କାରାବାସ ବଦଳରେ ଜରିମାନା ଲାଗୁ ହେବ ।

**୧୦.** ଶ୍ରୀ ବସନ୍ତ ଆହୁରି  ନିବେଦନ କରିଛନ୍ତି ଯେ ଅପରାଧର କଥିତ ଅସ୍ତ୍ରଶସ୍ତ୍ର ଅର୍ଥାତ ଏମ୍ଓ IV ଏବଂ ଏମ୍ ଓ VII କୁ  ଚିହ୍ନଟ ପାଇଁ ବିଚାର ସମୟରେ ପିଡବ୍ଲ୍ୟୁ ୧ କୁ ଦେଖାଯାଇନଥିଲା । ବିଦ୍ୱାନ ଓକିଲ ଆହୁରି ଉପସ୍ଥାପନ କରନ୍ତି ଯେ ପିଡବ୍ଲ୍ୟୁ ୧ - କୁଶିଆ ନାଇକଙ୍କ ବିବୃତିରେ ସାମଗ୍ରିକ ବିରୋଧାଭାଷ ଥିଲା, ତେଣୁ ତାଙ୍କ ସାକ୍ଷ୍ୟ  ପ୍ରତ୍ୟାଖ୍ୟାନ ହେବାକୁ ଯୋଗ୍ୟ । ସେ ନିବେଦନ  କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ନିଜେ ପିଡବ୍ଲ୍ୟୁ ୧ ର ବିବୃତି କେବଳ ଆଂଶିକ ଭାବରେ ବିଶ୍ୱାସଯୋଗ୍ୟ ବୋଲି ପାଇଛନ୍ତି । ତେବେ ଶ୍ରୀ ବସନ୍ତ

ଉଚିତ ଭାବେ ଦର୍ଶାଇଛନ୍ତି ଯେ ଆଇପିସି ର ଦଫା ୪୭୧ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ରଫା କରିବାକୁ ଚେଷ୍ଟା କରାଯାଇନାହିଁ, ଯାହା ରଫାଯୋଗ୍ୟ ନୁହେଁ । ବିଦ୍ୱାନ ଓକିଲ ଆଇପିସିର ଦଫା ୪୭୧/୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣକୁ ଆପତ୍ତି କରିନାହାଁନ୍ତି ଏବଂ କେବଳ ଆଇପିସିର ଦଫା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ସମ୍ବନ୍ଧରେ ତାଙ୍କ ନିବେଦନକୁ ସୀମିତ ରଖିଛନ୍ତି ।

**୧୧.** ଓଡିଶା ରାଜ୍ୟ ପାଇଁ ବିଦ୍ୱାନ ଓକିଲ ଶ୍ରୀ ମେହରୋତ୍ରା ରାଜ୍ୟ ତରଫରୁ ଦାୟର ହୋଇଥିବା ସତ୍ୟପାଠକୁ ଉଲ୍ଲେଖ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଦେବାକୁ ଥିବା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶିତ କ୍ଷତିପୂରଣ ରାଶି ସମ୍ବନ୍ଧରେ ରାଜ୍ୟ ସରକାର ଆବଶ୍ୟକ ପ୍ରକ୍ରିୟାଗତ ଔପଚାରିକତା ପୂରଣ କରିଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ଷତିପୂରଣ ରାଶି ଏହି ନ୍ୟାୟାଳୟ ଯେପରି ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ ଆଇନଗତ ପ୍ରତିନିଧିମାନଙ୍କୁ ଜମା କରିବେ କିମ୍ବା ଦେବେ ।

**୧୨.** ମୃତ ବ୍ୟକ୍ତି, କାଶିନାଥ ନାଇକଙ୍କ ଆଇନଗତ ପ୍ରତିନିଧିଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ କାଶିନାଥ ନାଇକ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ପ୍ରସ୍ତାବ ଉପରେ, ଯାହା ତା ୧୭.୧୨.୨୦୨୦ ରିଖରେ ଉଲ୍ଲେଖ କରାଯାଇଛି, ସେମାନଙ୍କର ସହମତି ପ୍ରକାଶ କରିଥିଲେ ।

**୧୩.** ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ନିବେଦନ ଉପରେ ବିଚାର କରିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ ।

**୧୪.** ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ରାୟର ଅନୁଚ୍ଛେଦ ୨ ରେ ଅଭିଯୋଜନ ମାମଲା ଉପରେ ଧ୍ୟାନ ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ରାୟର ଅନୁଚ୍ଛେଦ ୨ ନିମ୍ନରେ ଦିଆଗଲା:

"୨. ତା ୦୫.୦୫.୧୯୮୫ ରିଖ (ରବିବାର) ପୂର୍ବାହ୍ଣ ୧୧ ଟା ସମୟରେ ଡି.ଏସ.ପି., ସିଟି, କଟକ ଙ୍କ ସମ୍ମୁଖରେ କୁଶିଆ ନାୟକ (ପିଡବ୍ଲ୍ୟୁ ୧) ଙ୍କ ଦ୍ୱାରା ଦାଖଲ ହୋଇଥିବା ପ୍ରାଥମିକ ସୂଚନା ବିବୃତି (ପ୍ରଦର୍ଶନୀ ୧) ଅନୁଯାୟୀ ଅଭିଯୋଜନ ମାମଲା ଏହା ଯେ ସୂଚନାଦାତା କଟକର ରାଜାବଗିଚାର ବିଷ୍ଣୁ ମହାନ୍ତିଙ୍କ ଭଡ଼ା ଘରେ ରହୁଥିଲେ । ତା ୦୨.୦୫.୧୯୮୫ ରିଖରେ ସେ ତାଙ୍କ ଭଣଜାଙ୍କ ବିବାହ ସମ୍ବନ୍ଧରେ ନୟାଗଡ଼ ଯାଇଥିଲେ ଏବଂ ତା ୦୪.୦୫.୧୯୮୫ ରିଖ ସକାଳ ସମୟରେ କଟକ ଘରକୁ ଫେରିଥିଲେ । ସେଠାରେ ପହଞ୍ଚିବା ପରେ ତାଙ୍କ ପତ୍ନୀ କାଞ୍ଚନ ଦେଇ (ପିଡବ୍ଲ୍ୟୁ ୧୮) ତାଙ୍କୁ ସୂଚନା ଦେଇଥିଲେ ଯେ ଶୁକ୍ରବାର ଦିନ ସେମାନଙ୍କ ବସ୍ତି ବାସିନ୍ଦା ସୁର ଏବଂ ବଇଁଶି ଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ସେ ବଜାରକୁ ଗଲେ ଏବଂ ପ୍ରାୟ ୪ ଟା ବେଳେ ଫେରିବା ବେଳକୁ ତାଙ୍କ ପତ୍ନୀ ତାଙ୍କୁ କହିଲେ ଯେ ପ୍ରମୋଦ ନାଇକ, ବେଣୁ ନାଇକ ଏବଂ ଗୁନ ନାଇକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଉଥିଲେ ଏବଂ ତାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କୁ ବାହାର କରିଦେବାକୁ କହୁଥିଲେ କାରଣ ସେମାନଙ୍କ ପାଖରେ ଘର ନଥିଲା ଏବଂ କୌଣସି ହୋଲ୍ଡିଂ ନମ୍ବର ନଥିଲା । ସୂଚନାଦାତାଙ୍କୁ ତାଙ୍କ ପତ୍ନୀ ମଧ୍ୟ କହିଥିଲେ ଯେ ପୁରୀଘାଟ ଥାନାର ୪ ଜଣ ଥାନା ବାବୁ ତାଙ୍କୁ ଥାନାକୁ ଯିବାକୁ ଡାକିଥିଲେ । କିଛି ସମୟ ପରେ, କାଶୀନାଥ ନାଇକ (ଏହା ପରେ 'ମୃତକ') ମଧ୍ୟ ସୂଚନାଦାତାଙ୍କୁ କହିଥିଲେ ଯେ କନେଷ୍ଟବଳ ଆସି ତାଙ୍କୁ ଏହି ବିଷୟରେ କହିଥିଲେ । ତଦନୁସାରେ, ଉଭୟ ସୂଚନାଦାତା ଏବଂ ମୃତକ ପୁରୀଘାଟ ଥାନାକୁ ଯିବାକୁ ନିଷ୍ପତ୍ତି ନେଇଥିଲେ । ସନ୍ଧ୍ୟା ସମୟରେ, ଯେତେବେଳେ ଦୁହେଁ ପୁରୀଘାଟ ଥାନାରେ ପହଞ୍ଚିଥିଲେ, ନିଶ ଥିବା ଜଣେ ପୋଲିସ ଅଧିକାରୀ

ମୃତକଙ୍କୁ   କହିଥିଲେ ଯେ ପରବର୍ତ୍ତୀ ସମୟରେ ସେ ମୃତକଙ୍କ ପୁଅକୁ ଆକ୍ରମଣ କରି ତାଙ୍କ ହାତ ଏବଂ ଗୋଡ଼ ଭାଙ୍ଗିଦେବେ କାରଣ ସେ ଆଇନ ସହାୟତା  କେନ୍ଦ୍ର ସମ୍ମୁଖରେ ତାଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ । ମୃତ ବ୍ୟକ୍ତି ଜଣକ ନୀରବ ରହିଲେ । ଉକ୍ତ ପୋଲିସ ଅଧିକାରୀ ମଧ୍ୟ ମୃତକଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଥିଲେ ଏବଂ କହିଥିଲେ ଯେ ସେ କଟକର ଅଲିଶା ବଜାରର ବାସିନ୍ଦା ଏବଂ ସେ ମୃତକଙ୍କ ପରିବାରକୁ କଟକରେ ରହିବାକୁ ଦେବେ ନାହିଁ ଏବଂ କୌଣସି ଓକିଲ ତାଙ୍କର କିଛି କରିପାରିବେ ନାହିଁ । ମୃତ ବ୍ୟକ୍ତି ଉକ୍ତ ପୋଲିସ ଅଧିକାରୀଙ୍କୁ ଉତ୍ତର ଦେଇଥିଲେ ଯେ ଆକ୍ରମଣ ହେବା ପରେ ତାଙ୍କ ପତ୍ନୀ ଏବଂ ପୁଅ ଆଇନ ସହାୟତା  କେନ୍ଦ୍ର ସମ୍ମୁଖରେ ମାମଲା ଦାୟର କରିଥିଲେ ଏବଂ ସେ ଏ ବିଷୟରେ କିଛି ଜାଣି ନଥିଲେ ।

ପ୍ରାଥମିକ ସୂଚନା ବିବୃତିରେ ଆହୁରି କୁହାଯାଇଛି ଯେ ନିଶ ରଖିଥିବା  ଉକ୍ତ ପୋଲିସ ଅଧିକାରୀ ମୃତ ବ୍ୟକ୍ତିଙ୍କୁ ଏକ ଗୋଇଠା ମାରିଥିଲେ ଏବଂ ପୁଣି ଅଶ୍ଳୀଳ ଭାଷା ବ୍ୟବହାର କରିଥିଲେ ଏବଂ ସୂଚନାଦାତାଙ୍କ ହାତରେ ଦୁଇଟି ପ୍ରହାର ମଧ୍ୟ କରିଥିଲେ ଏବଂ ତାଙ୍କୁ ମଧ୍ୟ ଗୋଇଠା ମାରିଥିଲେ । ତା' ପରେ ନିଶ ରଖିଥିବା ଉକ୍ତ ପୋଲିସ ଅଧିକାରୀ ଉଚ୍ଚ ସ୍ୱରରେ କାନ୍ଦୁଥିବା  ୫ ମୃତକଙ୍କୁ ଆହୁରି ଆକ୍ରମଣ କରିଥିଲେ ଏବଂ ସେହି ପ୍ରକ୍ରିୟାରେ ତାଙ୍କ ଶରୀରରେ ରକ୍ତସ୍ରାବ ହୋଇଥିଲା । ସୂଚନାଦାତାଙ୍କୁ ଥାନାର ଗୋଟିଏ କୋଠରୀରେ ଅପେକ୍ଷା କରିବାକୁ କୁହାଯାଇଥିଲା ଏବଂ ମୃତକଙ୍କୁ ଥାନାର ଅନ୍ୟ ପାର୍ଶ୍ୱ ବାରଣ୍ଡାକୁ ନିଆଯାଇଥିଲା ଏବଂ ତାଙ୍କୁ ଆକ୍ରମଣ କରାଯାଇଥିଲା । ଯଦିଓ ସୂଚନାଦାତା ଆକ୍ରମଣକୁ ଦେଖିବାକୁ ସମର୍ଥ ହୋଇପାରିନଥିଲେ, କିନ୍ତୁ ସେ ମୃତକଙ୍କ ଚିତ୍କାର ଶୁଣି ପାରୁଥିଲେ । ତା'ପରେ ପୋଲିସ୍ ଅଧିକାରୀ ସୂଚନାଦାତାଙ୍କୁ ବାହାରକୁ ଡାକିଥିଲେ ଏବଂ ସେ ବାହାରକୁ ଆସିବା ପରେ ଆବେଦନକାରୀ ପ୍ରଭାତ ମହାନ୍ତିଙ୍କୁ ଏକ ଲାଠି ମାଧ୍ୟମରେ ମୃତ ବ୍ୟକ୍ତିଙ୍କୁ ଆକ୍ରମଣ କରୁଥିବା

ଦେଖିଥିଲେ ଏବଂ ମୃତକ ଉଚ୍ଚ ସ୍ୱରରେ କାନ୍ଦୁଥିଲେ । ପୋଲିସ୍ ଅଧିକାରୀ କହିବା ପରେ ସୂଚନାଦାତା ମୃତ ବ୍ୟକ୍ତିଙ୍କୁ ପାଣି ଦେଇଥିଲେ କିନ୍ତୁ ମୃତ ବ୍ୟକ୍ତିଙ୍କର ଚାଲିବାର ଶକ୍ତି ନଥିଲା ଏବଂ ସେ କେବଳ ଘୋଷାରି ହେଉଥିଲେ । ମୃତ ବ୍ୟକ୍ତି ଜଣକ ସୂଚନାଦାତାଙ୍କ ପାଖକୁ ଆସିଲେ ଏବଂ ତାଙ୍କ ହାତ ଓ ବେକରେ ରକ୍ତସ୍ରାବ କ୍ଷତ ହୋଇଥିବା ବେଳେ ଗୋଡ଼ ଫୁଲିଯାଇଥିଲା । ମୃତ ବ୍ୟକ୍ତି ଜଣକ କହୁଥିଲେ ଯେ ସେ ବଞ୍ଚିବେ ନାହିଁ ଏବଂ ମରିଯିବେ । ଯେତେବେଳେ ମୃତ ବ୍ୟକ୍ତି ଜଣକ ଶୌଚାଗାର ଯିବାକୁ ଅନୁମତି ମାଗିଥିଲେ, ନିଶ ଥିବା ପୋଲିସ ଅଧିକାରୀ ଏବଂ ଆବେଦନକାରୀ ପ୍ରଭାତ ମହାନ୍ତି ତାଙ୍କୁ ଆହୁରି ଆକ୍ରମଣ କରିଥିଲେ । ଯେତେବେଳେ ମୃତ ବ୍ୟକ୍ତି ପୁଣି ଥରେ ପୋଲିସ୍ ଅଧିକାରୀଙ୍କ ଅନୁମତି ନେଇ ଶୌଚାଗାର ଯିବାକୁ ଅନୁରୋଧ କଲେ, ସୂଚନାଦାତା ତାଙ୍କୁ ଏପରି ଉଦ୍ଦେଶ୍ୟରେ ନେଇଗଲେ ଏବଂ ସେମାନେ ଫେରିବା ପରେ, ଆବେଦନକାରୀ ପ୍ରଭାତ ମହାନ୍ତି ମୃତ ବ୍ୟକ୍ତିଙ୍କୁ ପଚାରିଲେ ଯେ ସେ କାହିଁକି ଛୋଟେଇ ଛୋଟେଇ ଚାଲୁଥିଲେ । ମୃତ ବ୍ୟକ୍ତିଙ୍କୁ ଖାଇବାକୁ ରୁଟି ଦିଆଯାଉଥିଲା କିନ୍ତୁ ସେ ମନା କରିବାରୁ ଆବେଦନକାରୀ ପ୍ରଭାତ ମହାନ୍ତି ତାଙ୍କୁ ରୁଟି ନେବାକୁ ବାଧ କରିଥିଲେ ଏବଂ ତାଙ୍କ ଆଣ୍ଠୁରେ ପୁଣି ଆକ୍ରମଣ କରିଥିଲେ । କନଷ୍ଟେବଳଙ୍କ ଠାରୁ ସୂଚନା ପାଇ, ସୂଚନାଦାତା ରୁଟି ଲୁଚାଇ ରଖିଥିଲେ ଏବଂ ପୋଲିସ୍ ଅଧିକାରୀଙ୍କୁ କହିଥିଲେ ଯେ ମୃତକ ପୂର୍ବରୁ ରୁଟି ଖାଇସାରିଛନ୍ତି । ଉକ୍ତ ପୋଲିସ ଅଧିକାରୀ ଏକ ବୋତଲରେ ମଦ ଆଣି ମୃତକ ତଥା ସୂଚନାଦାତାଙ୍କ ପାଟିରେ ଢାଳି ଦେଇଥିଲେ ଏବଂ ତା'ପରେ ସେମାନଙ୍କ ଉପରେ ମଦ ଛିଞ୍ଚିଥିଲେ ଏବଂ ଥାନା ବାହାରକୁ ଯାଇଥିଲେ । ସୂଚନାଦାତାଙ୍କ ବସ୍ତିର ସୁର ନାଇକ (ପି ଡବ୍ଲୁ ୧୩) ଥାନାକୁ ଆସି ଜଣେ ମିଶ୍ର ବାବୁଙ୍କ ସହ ଗୁପ୍ତ ଭାବରେ କଥା ହୋଇଥିଲେ କିନ୍ତୁ ମୃତକ ଏବଂ ସୂଚନାଦାତାଙ୍କୁ ଦେଖି ସେ ଚାଲି ଯାଇଥିଲେ । ଏହାପରେ ଆବେଦନକାରୀ ପ୍ରଭାତ ମହାନ୍ତି

ପୁଣିଥରେ ମୃତ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଡାକ୍ତରଖାନା ଯିବା ପାଇଁ ଏକ ଗାଡ଼ିରେ ବସିବାକୁ କହିଥିଲେ । ସେତେବେଳେ ରାତି ୧୧ ଟାରୁ ୧୨ ଟା ଭିତରେ ସମୟ ଥିଲା । ଆବେଦନକାରୀ ପ୍ରଭାତ ମହାନ୍ତି, ଜଣେ ଡ୍ରାଇଭର ଏବଂ ଜଣେ କନେଷ୍ଟବଳ ମୃତ ବ୍ୟକ୍ତିଙ୍କୁ ଉଠାଇ ଗାଡି ଭିତରେ ରଖିଥିଲେ ଏବଂ ସେ କାନ୍ଦୁଥିଲେ ଯେ ସେ ବଞ୍ଚିବେ ନାହିଁ । ଯେତେବେଳେ ସୂଚନାଦାତା ମୃତ ବ୍ୟକ୍ତିଙ୍କ ସହିତ ଡାକ୍ତରଖାନା ଯିବାକୁ ଆଗ୍ରହ ପ୍ରକାଶ କଲେ, ତାଙ୍କୁ କୁହାଯାଇଥିଲା ଯେ ମୃତ ବ୍ୟକ୍ତି ତାଙ୍କ ସହିତ ଯିବାକୁ ସୂଚନାଦାତାଙ୍କୁ ଡାକୁଥିଲେ ମଧ୍ୟ ତାଙ୍କ ସହିତ ଯିବାର କୌଣସି ଆବଶ୍ୟକତା ନାହିଁ । ମୃତ ବ୍ୟକ୍ତିଙ୍କୁ ଥାନାରୁ ନେଇଯିବା ପରେ, ଜଣେ କନେଷ୍ଟବଳ ସୂଚନାଦାତାଙ୍କ ବାମ ଗୋଡକୁ ଥାନାର ଏକ ଟେବୁଲରେ ଶୃଙ୍ଖଳିତ କରିଥିଲେ ଏବଂ ସକାଳ ସମୟରେ ଆବେଦନକାରୀ ପ୍ରଭାତ ମହାନ୍ତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସୂଚନାଦାତାଙ୍କୁ ଶୃଙ୍ଖଳମୁକ୍ତ କରାଯାଇଥିଲା । ଜଣେ ସଫେଇ କର୍ମଚାରୀଙ୍କୁ ଥାନାକୁ ଡକାଯାଇଥିଲା ଏବଂ ତାଙ୍କୁ ଥାନା ଭିତରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ମୃତ ବ୍ୟକ୍ତି ଜଣଙ୍କ ରକ୍ତ ଏବଂ ମଳ ସଫା କରିବାକୁ କୁହାଯାଇଥିଲା । ସେହି ସମୟରେ ସୂଚନାଦାତା ଜାଣିବାକୁ ପାଇଲେ ଯେ ଗତକାଲି ରାତିରେ ଡାକ୍ତରଖାନାରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ବିଧବା ପତ୍ନୀ ମଧ୍ୟ କାନ୍ଦୁଥିବା ଅବସ୍ଥାରେ ଥାନାକୁ ଆସିଥିଲେ, କିନ୍ତୁ ହାବିଲଦାର ତାଙ୍କୁ ସେଠାରେ ରହିବାକୁ ଅନୁମତି ଦେଇନଥିଲେ । ପ୍ରାଥମିକ ସୂଚନା ବିବୃତିରେ ଉଲ୍ଲେଖ କରାଯାଇଛି ଯେ ନିଶ ଥିବା ପୋଲିସ ଅଧିକାରୀ ଜଣେ ଗୋରା ଏବଂ ଲମ୍ବା ବ୍ୟକ୍ତି ଥିଲେ ।

ଏପରି ପ୍ରାଥମିକ ସୂଚନା ରିପୋର୍ଟ ପାଇବା ପରେ, ଆବେଦନକାରୀ ପ୍ରଭାତ ମହାନ୍ତି ଏବଂ ପୁରୀଘାଟ ଥାନାର ନିଶ ଥିବା ଅନ୍ୟ ପୋଲିସ ଅଧିକାରୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଦଫା ୩୪ ସହିତ ପଠିତ ଦଫା ୩୦୨, ୩୪୨, ୩୨୩,

> ୨୯୪, ୨୦୧ ଅନୁଯାୟୀ ତା ୦୫.୦୫.୧୯୮୫ ରିଖ ପୂର୍ବାହ୍ନ ୧୧ ଟା ସମୟରେ ପୁରୀଘାଟ/ଲାଲବାଗ ଥାନା ମାମଲା ସଂଖ୍ୟା ୨୭୩/୧୯୮୫ ପଞ୍ଜିକୃତ ହୋଇଥିଲା ।"

**୧୫.** ବିଚାରରେ ଅଭିଯୋଜନ ୩୯ ଜଣ ସାକ୍ଷୀଙ୍କୁ ଅର୍ଥାତ ପି ଡବ୍ଲ୍ୟୁ ୧ ରୁ ପି ଡବ୍ଲ୍ୟୁ ୩୯ ଙ୍କୁ ପରୀକ୍ଷା କରିଛନ୍ତି । ପି ଡବ୍ଲ୍ୟୁ ୧, କୁଶିଆ ନାଇକ, ସୂଚନାଦାତା, ପ୍ରତ୍ୟକ୍ଷଦର୍ଶୀ ଏବଂ ଆହତ ସାକ୍ଷୀ ଥିଲେ ଏବଂ ପି ଡବ୍ଲ୍ୟୁ ୩୯ ଗଗନ ବିହାରୀ ମହାନ୍ତି, ଆଇଓ ଥିଲେ । ଅଭିଯୁକ୍ତଙ୍କ ପାଇଁ କୌଣସି ସାକ୍ଷୀଙ୍କୁ ପରୀକ୍ଷା କରାଯାଇ ନଥିଲା । ଅଭିଯୋଗ ପକ୍ଷ ଦ୍ୱାରା ଏକ୍ସିବିଟ ୧ ରୁ ଏକ୍ସିବିଟ ୬୭/୧ ପର୍ଯ୍ୟନ୍ତ ବହୁ ସଂଖ୍ୟକ ଏକ୍ସିବିଟ ରଖା ଯାଇଥିଲା । ଏକ୍ସିବିଟ ଏ ରୁ ଏକ୍ସିବିଟ ଜେ ମଧ୍ୟ ଅଭିଯୁକ୍ତଙ୍କ ଦ୍ୱାରା ପ୍ରମାଣରେ ସ୍ୱୀକାର କରାଯାଇ ଥିଲା । ଏମ୍‌ଓ I ରୁ ଏମ୍‌ଓ VII ପର୍ଯ୍ୟନ୍ତ ଭୌତିକ ବସ୍ତୁ ଥିଲା । ନଥିରେ ପ୍ରମାଣକୁ ଏକତ୍ରୀକରଣ କରିବା ପରେ, ବିଦ୍ୱାନ ବିଚାରଣ ନ୍ୟାୟାଧୀଶ ଆଇପିସି ଦଫା ୩୪ ସହିତ ପଠିତ ଦଫା ୩୦୪ (ଭାଗ-୨) ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ କରିବା ସମୟରେ ଅନୁଚ୍ଛେଦ ୭୪ ରେ ଏହାର ଉପସଂହାର ଲିପିବଦ୍ଧ କରିଛନ୍ତି, ଯାହାର ନିମ୍ନଲିଖିତ ପ୍ରଭାବ ରହିଛି:

> "୭୪. ଏହିପରି ଜଣାପଡ଼େ ଯେ ମୃତକଙ୍କ ମୃତ୍ୟୁ ଏବଂ ଅଭିଯୁକ୍ତ ମାନେ ତାଙ୍କୁ ରାତିସାରା ଦୀର୍ଘ ସମୟ ଧରି ଅଟକ ରଖିବା ଏବଂ ତାଙ୍କୁ ନିର୍ଦ୍ଦୟ ଭାବରେ ପିଟିବା ମଧ୍ୟରେ ସମ୍ପର୍କ ରହିଛି । ତେଣୁ, ଏହା ସ୍ପଷ୍ଟ ଯେ ଅଭିଯୁକ୍ତମାନଙ୍କ କାର୍ଯ୍ୟ ଯୋଗୁଁ ଏଭଳି ମୃତ୍ୟୁ ଘଟିଛି । ସେମାନେ ସେମାନଙ୍କର ସାମୁହିକ ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ଏହା କରିଥିଲେ । ମାମଲାର ତଥ୍ୟ ପ୍ରକାଶ କରେ ଯେ ଏପରି

> ଶାରୀରିକ ଆଘାତ କରିବାର ଉଦ୍ଦେଶ୍ୟ ମୃତ୍ୟୁ ଘଟାଇବା ହୋଇ ନଥାଇପାରେ । କିନ୍ତୁ ତଥ୍ୟ ପ୍ରକାଶ କରେ ଯେ ଅଭିଯୁକ୍ତ ବ୍ୟକ୍ତିମାନେ ଜାଣିଥିଲେ ଯେ ସେମାନଙ୍କର କାର୍ଯ୍ୟ ମୃତ୍ୟୁର କାରଣ ହୋଇପାରେ । ତେଣୁ, ଏହା ଦେଖିବାକୁ ମିଳିଛି ଯେ ଅଭିଯୁକ୍ତ ବ୍ୟକ୍ତିମାନେ ମଧ୍ୟ ଆଇପିସି ଧାରା ୩୪ ସହିତ ପଠିତ ଆଇପିସି ଦଫା ୩୦୪ (ଭାଗ-୨) ଅନୁଯାୟୀ ଦଣ୍ଡନୀୟ ଅପରାଧ କରିଛନ୍ତି ।"

**୧୬.** ନିମ୍ନ ଅଦାଲତରେ ଅଭିଯୁକ୍ତଙ୍କ ତରଫରୁ ଯେଉଁ ସଫେଇ ଗ୍ରହଣ କରାଯାଇଥିଲା ତାହା ଥିଲା ଯେ କିଛି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ରାତି ପ୍ରାୟ ୯ ଟା ବେଳେ କାଠାଯୋଡି ନଦୀ ବନ୍ଧରେ ମୃତକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ସମ୍ବନ୍ଧରେ, ଯେଉଁଥିରେ ସେ ଆଘାତପ୍ରାପ୍ତ ହୋଇଥିଲେ, ମୃତକ କାଶୀନାଥ ନାୟକ ତା ୦୪.୦୫.୧୯୮୫ ରିଖ ରାତି ପ୍ରାୟ ୯ ଟା ସମୟରେ ଏଫଆଇଆର୍ ଦାଖଲ କରିବାକୁ ଆସିଥିଲେ । ଆବେଦନକାରୀ ମହାନ୍ତିଙ୍କ ଦ୍ୱାରା ମାମଲା ସଂଖ୍ୟା ୨୭୨/୧୯୮୫ ପଞ୍ଜୀକୃତ ହୋଇଥିଲା, ଯିଏ ଆବେଦନକାରୀ ଚୌଧୁରୀଙ୍କୁ ମାମଲାର ତଦନ୍ତ କରିବା ଏବଂ ମାମଲା ଡାଏରୀ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଙ୍କ ଯୁକ୍ତିକୁ ପ୍ରତିପାଦନ କରିବାକୁ ମାମଲା ସଂଖ୍ୟା ୨୭୨/୧୯୮୫ ରେ ଏଫଆଇଆର୍ ସମ୍ପର୍କିତ ପ୍ରମାଣ ଉକ୍ତ ମାମଲାରେ ଆବେଦନକାରୀ ଚୌଧୁରୀଙ୍କ ଦ୍ୱାରା ପ୍ରସ୍ତୁତ ମାମଲା ଡାଇରୀକୁ ଏକ୍ସିବିଟ ୬୩ ଭାବରେ ଚିହ୍ନିତ କରାଯାଇଥିଲା ।

**୧୭.** ନଥିରେ ଥିବା ପ୍ରମାଣକୁ ଏକତ୍ରିତ କରିବା ପରେ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଦାଖଲ ହୋଇଥିବା ଏଫଆଇଆର୍ ରେ ମୃତକ କାଶୀନାଥ ନାଇକଙ୍କ ଦସ୍ତଖତ ରହିବା

କଥା, ଯାହା ଉପରେ ଲାଲବାଗ ଥାନା ମାମଲା ସଂଖ୍ୟା ୨୭୨/୧୯୮୫ ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ କାଶୀନାଥ ନାଇକଙ୍କ ଦସ୍ତଖତ ନଥିଲା । ମାମଲାଟିକୁ ମିଥ୍ୟା ବୋଲି ଦର୍ଶାଇ ମାମଲା ସଂଖ୍ୟା ୨୭୨/୧୯୮୫ ରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା । ମାମଲା ସଂଖ୍ୟା ୨୭୨/୧୯୮୫ ରେ ଦାଖଲ ହୋଇଥିବା ଚୂଡ଼ାନ୍ତ ରିପୋର୍ଟକୁ କେହି ଆପତ୍ତି କରିନଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମ୍ପୃକ୍ତ ଆଲୋଚନା ଉପରେ ଧ୍ୟାନ ଦେବା ପ୍ରାସଙ୍ଗିକ, ଯାହା ନିମ୍ନରେ ଦିଆଗଲା:

> "ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ସଫେଇ ଅଭିବଚନ ଯେ ମୃତ ବ୍ୟକ୍ତିଙ୍କ ଉପରେ କୌଣସି ଆକ୍ରମଣ ଘଟଣା କାଠଯୋଡି ନଦୀ ତଟବନ୍ଧରେ ତା ୦୪.୦୫.୧୯୮୫ ରିଖ ରାତି ପ୍ରାୟ ୯ ଟା ରେ ଘଟିଥିଲା, ଯେଉଁଥିରେ ମୃତକ ଆହତ ହୋଇଥିଲେ ଏବଂ ପୁରୀଘାଟ ଥାନାରେ ପ୍ରାଥମିକ ସୂଚନା ବିବୃତି ଦାଖଲ କରିବାକୁ ଆସିଥିଲେ ଏବଂ ସେହି ଅନୁଯାୟୀ ଏଫଆଇଆର୍ ପଞ୍ଜୀକୃତ ହୋଇଥିଲା ଏବଂ ଆବେଦନକାରୀ ପ୍ରଭାତ ମହାନ୍ତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀ ପି. କେ. ଚୌଧୁରୀ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲେ ଏବଂ ସମସ୍ତ ସଠିକ୍ ପରିସ୍ଥିତି ଉଲ୍ଲେଖ କରି, ପ୍ରଦର୍ଶନୀ ୬୩ ଦ୍ୱାରା ମାମଲା ଡାଏରୀ ପରିଚାଳନା କରିଥିଲେ, ଯାହା ଗ୍ରହଣୀୟ ନୁହେଁ । ମୋର ବିଚାରଯୋଗ୍ୟ ମତ ହେଉଛି ଯେ ମୃତକ ତା ୦୪.୦୫.୧୯୮୫ ରିଖ ରାତି ୧୦ଟା ରେ ପୁରୀଘାଟ ଥାନାରେ କୌଣସି ଏଫଆଇଆର୍ ଉପସ୍ଥାପନ କରିନଥିଲେ ଏବଂ ଏକ ମିଥ୍ୟା ଏଫଆଇଆର୍ ତାଙ୍କ ଦ୍ୱାରା ଉପସ୍ଥାପିତ ହୋଇଛି ବୋଲି ଦର୍ଶାଯାଇଛି, ଯାହା ମୃତ ବ୍ୟକ୍ତିଙ୍କ ନକଲି ଦସ୍ତଖତ ଏକ୍ସିବିଟ ଏ ରେ ଧାରଣ କରିଛି ଦେଖନ୍ତୁ ।"

**୧୮.** ପ୍ରମାଣ କରିବା ପାଇଁ ନଥିକୁ ଜାଲିଆତି ଏବଂ ମନଗଢା କରିଥିବା ଅପରାଧରେ ଉଭୟ ଆବେଦନକାରୀଙ୍କୁ ନିମ୍ନ ଅଦାଲତ ଦ୍ୱାରା ଆଇପିସି ଦଫା ୩୭୧/୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି । ମୃତକ କାଶୀନାଥ ନାଇକ ତାଙ୍କ ଉପରେ ହୋଇଥିବା ଆକ୍ରମଣ ବିଷୟରେ ଏଫ୍ଆଇଆର୍ ଦାଖଲ କରିବାକୁ ରାତି ୯ ଟା ରେ ଥାନାକୁ ଆସିଥିଲେ ବୋଲି ମିଥ୍ୟା କାହାଣୀକୁ ମନଗଢ଼ା କରିବାର କାରଣ ହେଉଛି କେବଳ ଅଭିଯୁକ୍ତକୁ ବଞ୍ଚାଇବା ପାଇଁ, ମୃତ ବ୍ୟକ୍ତିଙ୍କ ଶରୀରରେ ହୋଇଥିବା ଆଘାତ ବିଷୟରେ ବ୍ୟାଖ୍ୟା କରିବା ଉଦ୍ଦେଶ୍ୟରେ, ଯାହା ସେ ଥାନାରେ ରହିବା ସମୟରେ ପାଇଥିଲେ । ଉପରେ ଉଲ୍ଲେଖ କରାଯାଇଥିବା ପରି, ଆଇପିସି ଦଫା ୩୭୧/୩୪ ଅନୁଯାୟୀ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତକରଣକୁ ଆମ ସମ୍ମୁଖରେ ଆପତ୍ତି କରାଯାଇ ନାହିଁ । ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ପ୍ରତିରକ୍ଷା ଶୋଚନୀୟ ଭାବରେ ବିଫଳ ହୋଇଛି । ମୌଖିକ ଏବଂ ଦସ୍ତାବିଜ ପ୍ରମାଣ ସମେତ ନଥିରେ ଥିବା ପ୍ରମାଣକୁ ପୁନର୍ବାର ମୂଲ୍ୟାଙ୍କନ କରିବା ପରେ ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ପୁରୀଘାଟ ଥାନାରେ ରାତି ୭.୩୦ ରୁ ତା ୪/୫.୦୫.୧୯୮୫ ରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ମୃତକ ତାଙ୍କ ରହଣି ସମୟରେ ମୃତ୍ୟୁ ପୂର୍ବ ଆଘାତ ହୋଇଥିଲା ଏବଂ ବୈଜ୍ଞାନିକ ଅଧିକାରୀ ଓ ରାସାୟନିକ ରିପୋର୍ଟର ପ୍ରମାଣ ମଧ୍ୟ ଥାନାରେ ଆକ୍ରମଣକୁ ସମର୍ଥନ କରେ ଏବଂ ଆବେଦନକାରୀମାନେ ସେହି ଆଘାତ ଗୁଡିକର ରଚୟିତା ଥିଲେ । ସମସ୍ତ ପ୍ରମାଣକୁ ଏକାଠି କରିବା ପରେ ବିଚାରଣ ନ୍ୟାୟାଳୟ ଏହାଙ୍କ ରାୟରେ କହିଛନ୍ତି ଯେ ଉଭୟ ଅଭିଯୁକ୍ତଙ୍କ ଦ୍ୱାରା ପୁରୀଘାଟ ଥାନାରେ ମୃତକ

କାଶୀନାଥ ନାଇକଙ୍କୁ ଆଘାତ କରାଯାଇଥିଲା । ପ୍ରମାଣଗୁଡ଼ିକର ପୁନଃମୂଲ୍ୟାୟନ ପରେ ଉଚ୍ଚନ୍ୟାୟାଳୟ ମଧ୍ୟ ସମାନ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ।

**୧୯.** ଆମେ ବିଚାରଣ ନ୍ୟାୟାଳୟଙ୍କ ରାୟ ତଥା ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଯତ୍ନର ସହ ଅନୁଧ୍ୟାନ କରିଛୁ ଏବଂ ନିମ୍ନରେ ଥିବା ଉଭୟ ନ୍ୟାୟାଳୟଙ୍କ ଦ୍ୱାରା ମୌଖିକ ପ୍ରମାଣର ଏକତ୍ରୀକରଣ ତଥା ନଥିରେ ଥିବା ଦସ୍ତାବିଜ ପ୍ରମାଣର ବିଶ୍ଳେଷଣକୁ ସମର୍ଥନ କରିଛୁ ଯେଉଁଠାରେ ପିଡବ୍ଲ୍ୟୁ ୧ ଙ୍କ, ଯିଏ ସୂଚନାଦାତା ଏବଂ ପ୍ରତ୍ୟକ୍ଷଦର୍ଶୀ ଥିଲେ, ସାକ୍ଷ୍ୟ ପ୍ରମାଣକୁ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଠିକ୍ ଭାବରେ ବିଶ୍ୱାସ କରାଯାଇଛି ଯେ ଉଭୟ ମୃତକ ଏବଂ ସୂଚନାଦାତା ରାତି ୭.୩୦ ପରେ ଥାନାରେ ପହଞ୍ଚିଥିଲେ ଏବଂ ସେମାନଙ୍କୁ ଚୌଧୁରୀ ଏବଂ ମହାନ୍ତି ନିର୍ଦ୍ଦୟ ଭାବରେ ମାଡ଼ ମାରିଥିଲେ । ସକାଳେ ଥାନାର ବାରଣ୍ଡାକୁ ସଫେଇ କର୍ମଚାରୀ ଧୋଇବା ସତ୍ତ୍ୱେ, ଥାନା ପରିଦର୍ଶନ କରିଥିବା ବୈଜ୍ଞାନିକ ଅଧିକାରୀ ବାରଣ୍ଡାରେ ରକ୍ତର ଦାଗ ପାଇଥିଲେ ।

**୨୦.** କେବଳ ସେ ମୃତକଙ୍କର ଜଣେ ସ୍ୱଗତ୍ର ଥିଲେ, ସେହି କାରଣରୁ ପିଡବ୍ଲ୍ୟୁ ୧ ଙ୍କ ସାକ୍ଷ୍ୟକୁ ଖାରଜ ପରିତ୍ୟାଗ କରାଯାଇ ପାରିନଥାନ୍ତା । ଦୀର୍ଘ ଜେରା ବେଳେ, ପିଡବ୍ଲ୍ୟୁ ୧ଙ୍କୁ ବିଚଳିତ କରାଯାଇପାରିଲା ନାହିଁ ଏବଂ ପୋଲିସ୍ ଅଧିକାରୀ ଅର୍ଥାତ ଚୌଧୁରୀ ଏବଂ ମହାନ୍ତିଙ୍କ ଦ୍ୱାରା ମୃତ ବ୍ୟକ୍ତିଙ୍କୁ ମାଡ଼ ମାରିଥିବାର ତାଙ୍କ ବିବରଣୀର ପ୍ରମାଣକୁ ବିଶ୍ୱାସ ଏବଂ ନିର୍ଭର କରିବାକୁ ପଡିବ ।

**୨୧.** ବର୍ତ୍ତମାନ ଆଇପିସି ର ଦଫା ୩୨୪ ଅନୁଯାୟୀ ସେମାନଙ୍କର ଦୋଷୀ ସାବ୍ୟସ୍ତକରଣକୁ ଆହ୍ୱାନ କରୁଥିବା ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ନିବେଦନକୁ ଆମେ ସମୀକ୍ଷା କରିପାରୁ । ଆଇପିସିର ଦଫା ୩୨୪ ରେ କୁହାଯାଇଛି:

> **"ଦଫା ୩୨୪. ବିପଜ୍ଜନକ ଅସ୍ତ୍ରଶସ୍ତ୍ର କିମ୍ବା ସାଧନ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା -** ଦଫା ୩୩୪ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ମାମଲା ବ୍ୟତୀତ, ଯେ କେହି ଗୁଳି ଚଳାଇବା, ଛୁରାମାଡ଼ କିମ୍ବା କାଟିବା ପାଇଁ କୌଣସି ଉପକରଣ ମାଧ୍ୟମରେ କିମ୍ବା କୌଣସି ଉପକରଣ ଦ୍ୱାରା, ଯାହା ଅପରାଧର ଅସ୍ତ୍ର ଭାବରେ ବ୍ୟବହୃତ ହୁଏ, ମୃତ୍ୟୁ ଘଟାଇବାର ସମ୍ଭାବନା ଥାଏ, କିମ୍ବା ଅଗ୍ନି କିମ୍ବା କୌଣସି ଉତ୍ତପ୍ତ ପଦାର୍ଥ ମାଧ୍ୟମରେ, କିମ୍ବା କୌଣସି ବିଷ କିମ୍ବା କୌଣସି କ୍ଷୟକାରୀ ପଦାର୍ଥ ମାଧ୍ୟମରେ କିମ୍ବା କୌଣସି ବିସ୍ଫୋରକ ପଦାର୍ଥ ମାଧ୍ୟମରେ କିମ୍ବା କୌଣସି ପଦାର୍ଥ ମାଧ୍ୟମରେ ଯାହା ଶ୍ୱାସକ୍ରିୟା ପାଇଁ, ଗିଳିବା ପାଇଁ କିମ୍ବା ରକ୍ତରେ ଗ୍ରହଣ କରିବା ପାଇଁ ମାନବ ଶରୀର ପାଇଁ କ୍ଷତିକାରକ, କିମ୍ବା କୌଣସି ପଶୁ ମାଧ୍ୟମରେ, ସ୍ୱେଚ୍ଛାକୃତ ଭାବରେ ଆଘାତ କରନ୍ତି, ସେ ତିନି ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇ ପାରୁଥିବା ଅବଧି ପାଇଁ  କାରାବାସ କିମ୍ବା ଜୋରିମାନା କିମ୍ବା ଉଭୟ ଦ୍ୱାରା ଦଣ୍ଡିତ ହେବେ ।"

**୨୨.** ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଗୁରୁତ୍ୱ ହେଉଛି ଯେ କେବଳ ଲାଠି ଏବଂ କାଠ ବତାକୁ ଅପରାଧର ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିବା ଅଭିଯୋଗ କରାଯାଇଥିଲା, ଯେଉଁ ଅସ୍ତ୍ରଶସ୍ତ୍ରର ବ୍ୟବହାର ମୃତ୍ୟୁର କାରଣ ହୋଇପାରେ ବୋଲି କୁହାଯାଇପାରିବ ନାହିଁ । ଏମ୍‌ଓ IV ଏକ ବାଉଁଶ ଲାଠି ଥିଲା ଏବଂ ଏମ୍‌ଓ VII ଏକ କାଠ ବତା ଥିଲା । ଆଇପିସିର ଦଫା ୩୨୪ "ଅପରାଧର ଅସ୍ତ୍ର" ର ପରୀକ୍ଷଣକୁ ବ୍ୟବହାର

କରେ । ଏହି ନିବେଦନକୁ ସ୍ୱୀକାର କରାଯାଇପାରିବ ନାହିଁ ଯେ କାଠର ଲାଠି ଏବଂ ବତାର ବ୍ୟବହାର ଏପରି ଅସ୍ତ୍ର ଯାହା ଦ୍ୱାରା ମୃତ୍ୟୁ ଘଟିବାର ସମ୍ଭାବନା ନାହିଁ । କାଠର ଲାଠି ଏବଂ ବତା ହେଉଛି ସେହି ଅସ୍ତ୍ରଶସ୍ତ୍ର ଯାହା ବ୍ୟବହାରିକ ଭାବରେ ପୋଲିସ ପାଖରେ ଥାଏ ଏବଂ ଏହି ନିବେଦନକୁ ସ୍ୱୀକାର କରାଯାଇପାରିବ ନାହିଁ ଯେ କାଠର ଲାଠି ଏବଂ ବତା ଦ୍ୱାରା ଆଘାତ ହୋଇନପାରେ ଯାହା ଦ୍ୱାରା ମୃତ୍ୟୁ ଘଟିପାରେ । ଏହା କାଠର ଲାଠି ଏବଂ ବତାର ବ୍ୟବହାର ଶୈଳୀ ଉପରେ ନିର୍ଭର କରେ ।

**୨୩.** ବିଦ୍ୱାନ ଓକିଲ ଆହୁରି ଉପସ୍ଥାପନ କରନ୍ତି ଯେ ଏମଓ IV ଏବଂ ଏମଓ VII ଚିହ୍ନଟ ପାଇଁ ପରୀକ୍ଷଣ ସମୟରେ ପିଡବ୍ଲ୍ୟୁ ୧ କୁ ଦେଖାଯାଇ ନଥିଲା । ଏମଓ IV ଏବଂ ଏମଓ VII ଜବତ କରାଯାଇଥିଲା ଏବଂ ଭୌତିକ ବସ୍ତୁ ଭାବରେ ପ୍ରଦର୍ଶିତ ହୋଇଥିଲା । ଏମଓ IV ଏବଂ ଏମଓ VII କୁ ପିଡବ୍ଲ୍ୟୁ ୧ କୁ ଦେଖାଇବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ବିଫଳତା କୌଣସି ପ୍ରକାରେ ଅଭିଯୋଜନ ମାମଲା ପାଇଁ ମାରାତ୍ମକ ବୋଲି କୁହାଯାଇପାରିବ ନାହିଁ । କାଠର ଲାଠି ଏବଂ ବତା ହେଉଛି ପୋଲିସ୍ ବାହିନୀର ଅସ୍ତ୍ରଶସ୍ତ୍ର ଏବଂ ଏହି ଅସ୍ତ୍ରଶସ୍ତ୍ର ଦ୍ୱାରା ମୃତକଙ୍କୁ ହୋଇଥିବା ଆଘାତ, ଯାହା ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦେଖିବାକୁ ମିଳିଛି, ପିଡବ୍ଲ୍ୟୁ ୧ କୁ ନ ଦେଖାଇଲେ ପିଡବ୍ଲ୍ୟୁ ୧ ଙ୍କ ପ୍ରମାଣର ବିଶ୍ୱାସନୀୟତାକୁ ଦୋଷାରୋପ କରାଯାଇପାରିବ ନାହିଁ ।

**୨୪.** ବର୍ତ୍ତମାନ, ଆମେ ମୃତ ବ୍ୟକ୍ତିଙ୍କ ଶରୀରରେ ମିଳିଥିବା କ୍ଷତକୁ ଯାଞ୍ଚ କରୁଛୁ । ଶବ ବ୍ୟବଚ୍ଛେଦ ରିପୋର୍ଟ ହେଉଛି ଏକ୍ସିବିଟ - ୪୩ । ପିଡବ୍ଲ୍ୟୁ ୩୭ ଡାକ୍ତର ଦେବେନ୍ଦ୍ର କୁମାର

ପଟ୍ଟନାୟକ ଶବ ବ୍ୟବଚ୍ଛେଦ କରିଥିଲେ, ଯିଏ ଅଦାଲତରେ ମଧ୍ୟ ହାଜର ହୋଇଥିଲେ ।

ମୃତକଙ୍କ ଶରୀରରେ ମିଳିଥିବା ବାହ୍ୟ ଆଘାତଗୁଡ଼ିକ ନିମ୍ନରେ ଦିଆଗଲା:-

"୧. ଡାହାଣ ଜଙ୍ଘର ତଳ ୧/୩ ଅଂଶରେ ଆଂଶିକ ପାର୍ଶ୍ୱରେ ୫"x ୩" ଅଞ୍ଚଳରେ କ୍ଷତ ଏବଂ ଘର୍ଷଣ ।

୨. ଡାହାଣ ଗୋଡ ଆଣ୍ଠୁର ୪" ତଳେ ସାମ୍ନାରେ ଚାପ ଘର୍ଷଣ ୨" x ୧/୨"।

୩. ମଧ୍ୟମ ମାଲିଓଲସ୍ ଉପରେ ଡାହାଣ ଗୋଡ଼ ୨.୧/୨" ର ମଧ୍ୟମ ପାର୍ଶ୍ୱରେ ଚାପ ଘର୍ଷଣ ୧.୧/୨"x ୧/୨" ।

୪. ବାମ ଗୋଡ଼ ସାମନା ଆଣ୍ଠୁରୁ ୩.୧/୨" ତଳକୁ ୧୦"x ୪" ଅଞ୍ଚଳରେ ବହୁ-ଚାପ ଘର୍ଷଣ ।

୫. ବାମ ଆଣ୍ଠୁ ତଳେ ସାମ୍ନାରେ ହାଡ଼କୁ ଅନ୍ତର୍ଭୁକ୍ତ ନକରି ବିଦୀର୍ଣ୍ଣ କ୍ଷତ ୧/୫"x ୧/୪% x ଚର୍ମ ଗଭୀର ୪.୧/୨" ।

୬. ମଳଦ୍ୱାରଠାରୁ ୨" ଦୂରରେ ବାମ ନିତମ୍ବ ଉପରେ ୧/୨"x ୧/୨" ଆଞ୍ଚୁଡା ଦାଗ ।

୭. ବାମ କହୁଣୀ ଗଣ୍ଠି ପଛ ପାର୍ଶ୍ୱରେ ୨"x ୧" ଅଞ୍ଚଳରେ ଚାପ ଘର୍ଷଣ ।

୮. ବାମ ଜଙ୍ଘ ଆଂଶିକ ପାର୍ଶ୍ୱରେ ୭"x ୫" ଅଞ୍ଚଳରେ କ୍ଷତ ।

୯. ଡାହାଣ ହାତ କହୁଣୀର ୩" ଉପରକୁ ପାପୁଲିର ପୃଷ୍ଠ ଭାଗ ପର୍ଯ୍ୟନ୍ତ ୨୦"x ୩" ଅଞ୍ଚଳରେ କ୍ଷତ ।

୧୦. ସ୍କନ୍ଧ ଅଞ୍ଚଳ ଉପରେ ପିଠିର ବାମ ପାର୍ଶ୍ୱରେ ୧୨ ସେ. ମି. x ୧" ଆକୃତିର କ୍ଷତ ।

୧୧. ବାମ ସ୍କନ୍ଧ ଅଞ୍ଚଳରେ ପିଠିର ବାମ ପାର୍ଶ୍ୱରେ ୧୨ ସେ. ମି. x ୧" କ୍ଷତ ।"

**୨୫.** ଅଭିଯୁକ୍ତ ପି. କେ. ଚୌଧୁରୀଙ୍କ ଦ୍ୱାରା ପ୍ରସ୍ତୁତ ଅପମୃତ୍ୟୁ ତଦନ୍ତ ରିପୋର୍ଟ ଅର୍ଥାତ୍ ଏକ୍ସିବିଟ -୧୬ ଉପରେ ମଧ୍ୟ ବିଚାରଣ ନ୍ୟାୟାଳୟ ଦୋଷୀ ସାବ୍ୟସ୍ତ କରିଛନ୍ତି । ପ୍ରମାଣକୁ ବିଚାର କରିବା ପରେ ବିଚାରଣ ନ୍ୟାୟାଳୟ ଏହି ଫଳାଫଳକୁ ଲିପିବଦ୍ଧ କରିଛନ୍ତି ଯେ ଆଘାତକୁ ଗୋପନ ରଖିବାର ଦୁରାଶୟ ଉଦ୍ଦେଶ୍ୟ ରଖି ଅଭିଯୁକ୍ତ ପି. କେ. ଚୌଧୁରୀଙ୍କ ଦ୍ୱାରା ଏକ୍ସିବିଟ - ୧୬ ରେ ଆଘାତର ବର୍ଣ୍ଣନା ହ୍ରାସ କରାଯାଇଛି । ଆଇପିସିର ଦଫା ୩୨୪ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତକରଣ ଆରମ୍ଭ ହୋଇଛି ବୋଲି ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ନିବେଦନକୁ ଗ୍ରହଣ କରିବାକୁ ଆମେ ପ୍ରବର୍ତ୍ତିତ ନୁହେଁ । ତେଣୁ, ଆଇପିସି ର ଦଫା ୩୨୪ ଅନୁଯାୟୀ ଅଭିଯୁକ୍ତଙ୍କ ଦୋଷୀ ସାବ୍ୟସ୍ତକରଣକୁ ଆମେ ସ୍ୱୀକାର କରୁଛୁ ।

**୨୬.** ବର୍ତ୍ତମାନ, ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଦୃଢ ଭାବେ ରଖାଯାଇଥିବା ଉପସ୍ଥାପନ ଅର୍ଥାତ ଆଇପିସି ଦଫା ୩୨୪ ଅନୁଯାୟୀ ଅପରାଧର ସମ୍ମିଶ୍ରଣକୁ/ପ୍ରଶମନକୁ ଆମେ ଆସୁଛୁ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଦଫା ୩୨୦ ରେ ଅପରାଧର ରଫା ପାଇଁ ବ୍ୟବସ୍ଥା ରହିଛି । ଦଫା ୩୨୦ ର ଉପ-ଦଫା (୧) ରେ ଏକ ସାରଣୀ ରହିଛି, ଯାହାକୁ ସାରଣୀର ତୃତୀୟ ସ୍ତମ୍ଭରେ ଉଲ୍ଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା

ସମ୍ମିଶ୍ରଣ କରାଯାଇପାରିବ, ଯେତେବେଳେ କି ଦଫା ୩୨୦ ର ଉପ-ଦଫା (୨) ରେ ଉଲ୍ଲେଖ ରହିଛି:-

> "୩୨୦(୨) -ପରବର୍ତ୍ତୀ ସାରଣୀର ପ୍ରଥମ ଦୁଇଟି ସ୍ତମ୍ଭରେ ନିର୍ଦ୍ଦିଷ୍ଟ ହୋଇଥିବା ଭାରତୀୟ ଦଣ୍ଡ ସଂହିତା (୧୮୬୦ ର ୪୫) ର ଦଫା ଅନୁଯାୟୀ ଦଣ୍ଡନୀୟ ଅପରାଧ, ନ୍ୟାୟାଳୟଙ୍କ ଅନୁମତି ସହିତ, ଯାହା ସମ୍ମୁଖରେ ଏପରି ଅପରାଧ ପାଇଁ କୌଣସି ମକଦ୍ଦମା ବିଚାରାଧୀନ ଅଛି, ସେହି ସାରଣୀର ତୃତୀୟ ସ୍ତମ୍ଭରେ ଉଲ୍ଲେଖିତ ବ୍ୟକ୍ତିଙ୍କ ଦ୍ଵାରା ରଫା କରାଯାଇପାରିବ ।"

**୨୭.** ଦଫା ୩୨୦ ର ଉପ-ଦଫା (୫) ନିମ୍ନମତେ ପ୍ରଦାନ କରିଥାଏ:-

> "୩୨୦(୫). ଯେତେବେଳେ ଅଭିଯୁକ୍ତ ବିଚାର ପାଇଁ ପ୍ରତିବଦ୍ଧ ହୋଇଛନ୍ତି କିମ୍ବା ଯେତେବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଏକ ଆବେଦନ ବିଚାରାଧୀନ ଅଛି, ଯେଉଁ ନ୍ୟାୟାଳୟରେ ସେ ପ୍ରତିଶ୍ରୁତିବଦ୍ଧ କିମ୍ବା ମାମଲା ଅନୁଯାୟୀ ଯାହା ସମ୍ମୁଖରେ ଆବେଦନ ଶୁଣାଣି ହେବ, ତାଙ୍କର ଅନୁମତି ବିନା ଅପରାଧ ସମ୍ମିଶ୍ରଣକୁ/ପ୍ରଶମନ ପାଇଁ କୌଣସି ଅନୁମତି ଦିଆଯିବ ନାହିଁ ।"

**୨୮.** ବର୍ତ୍ତମାନ ଏହାଏକ ମାମଲା ଯେଉଁଠାରେ ଅଭିଯୁକ୍ତ ଆଇପିସି ଦଫା ୩୨୪ ଅନୁଯାୟୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି । ସିଆର୍.ପି.ସି. (ସଂଶୋଧନ) ଅଧିନିୟମ, ୨୦୦୫ ଦ୍ଵାରା ଆଇପିସି ର ଦଫା ୩୨୪ ଅନୁଯାୟୀ ଅପରାଧକୁ ଅଣ-ପ୍ରଶମନ ଯୋଗ୍ୟ ଅପରାଧ କରାଯାଇଛି । ଉପରୋକ୍ତ ସଂଶୋଧନ ପୂର୍ବରୁ, ଦଫା ୩୨୪ ଅନ୍ତର୍ଗତ ଅପରାଧ ରଫାଯୋଗ୍ୟ ଥିଲା । ଆବେଦନକାରୀଙ୍କ ପାଇଁ ବିଦ୍ଵାନ ଓକିଲ ତାଙ୍କ ଉପସ୍ଥାପନାରେ ସଠିକ୍ ଯେ ଅପରାଧ ସଂଘଟିତ ହେବା ତାରିଖରେ,

ଅର୍ଥାତ  ତା ୦୪/୦୫.୦୫.୧୯୮୫ ରିଖରେ, ଆଇପିସି ଦଫା ୩୨୪ ଅନୁଯାୟୀ ଅପରାଧ ରଫାଯୋଗ୍ୟ ଥିଲା । ତେଣୁ ବର୍ତ୍ତମାନ ମାମଲାରେ, ଆବେଦନକାରୀଙ୍କ ଅନୁରୋଧକୁ, ଯେଉଁଥିରେ ମୃତ ବ୍ୟକ୍ତିଙ୍କ ଆଇନଗତ ପ୍ରତିନିଧିଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ମଧ ରାଜି ହୋଇଛନ୍ତି, ଗ୍ରହଣ କରିବାର ଆବଶ୍ୟକତା ଅଛି କି ନାହିଁ ତାହା ଆମେ ଯାଞ୍ଚ କରିବା ଆବଶ୍ୟକ ଏବଂ ଏହି ନ୍ୟାୟାଳୟ ଆଇପିସି ଦଫା ୩୨୪ ଅନୁଯାୟୀ ଅପରାଧର ରଫା କରିବାକୁ ଅନୁମତି ଦେଇପାରନ୍ତି ।

**୨୯.** ବର୍ତ୍ତମାନ ମାମଲାର ତଥ୍ୟରେ ଦଫା ୩୨୪ ଅନୁଯାୟୀ ଅପରାଧ କେବଳ ନ୍ୟାୟାଳୟଙ୍କ ଅନୁମତି ସହିତ ରଫା ହୋଇପାରିବ । ଦଫା ୩୨୦ ର ଉପ-ଦଫା (୫) ରେ ବ୍ୟବସ୍ଥା ରହିଛି ଯେ "ନ୍ୟାୟାଳୟଙ୍କ ବିନା ଅନୁମତିରେ ଅପରାଧ ପାଇଁ କୌଣସି ରଫାକୁ ଅନୁମତି ଦିଆଯିବ ନାହିଁ ।" ତେଣୁ, ବର୍ତ୍ତମାନ ମାମଲାର ତଥ୍ୟରେ କେବଳ ଆବେଦନକାରୀଙ୍କ ଅନୁରୋଧ ଆଧାରରେ ଚୁକ୍ତିନାମା ଅନୁଯାୟୀ, ଯାହା ମୃତ ବ୍ୟକ୍ତିଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ମଧ ଗ୍ରହଣ କରାଯାଇପାରେ, ଅପରାଧର ସଂରଚନା ଅନୁମତିପ୍ରାପ୍ତ ନୁହେଁ, କିନ୍ତୁ ସଂରଚନା କେବଳ ନ୍ୟାୟାଳୟଙ୍କ ଅନୁମତି ଦ୍ୱାରା ଅନୁମତି ପ୍ରାପ୍ତ ।

**୩୦.** ଦଫା ୩୨୦ ର ଉପ-ଦଫା (୫) ଦ୍ୱାରା ଚିନ୍ତା କରାଯାଇଥିବା ଅନୁମତି ପ୍ରଦାନ ସ୍ୱୟଂଚାଳିତ ନୁହେଁ କିମ୍ବା ଆବେଦନକାରୀଙ୍କ ଦ୍ୱାରା ଅନୁରୋଧ ପ୍ରାପ୍ତ ହେବା ପରେ, ଯାହା ପୀଡ଼ିତଙ୍କ ଦ୍ୱାରା ସହମତ ହୋଇଥାଇପାରେ, ଏହା ଯନ୍ତ୍ରକୃତ ହେବା ଅନାବଶ୍ୟକ । ଅପରାଧର ପ୍ରକୃତି ଏବଂ ପ୍ରମାଣ ଯାଞ୍ଚ କରିବା ଏବଂ ଅନୁମତି ଦିଆଯିବା ଉଚିତ କି ନୁହେଁ

ନିଜକୁ ସନ୍ତୁଷ୍ଟ କରିବା ନ୍ୟାୟାଳୟଙ୍କ ଏକ ସ୍ୱଷ୍ଟ କର୍ତ୍ତବ୍ୟ ବୋଲି ବୈଧାନିକ ଆବଶ୍ୟକତା ଧାର୍ଯ୍ୟ କରିଥାଏ । ଅପରାଧିକ ନ୍ୟାୟ ପ୍ରଶାସନ ରାଜ୍ୟ ଦ୍ୱାରା ସମସ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ ।

**୩୧.** ରାଜ୍ୟ ଦ୍ୱାରା ଅଭିଯୋଜନ ହେଉଛି ଆଇନର ନୀତି କାରଣ ସମସ୍ତ ଅପରାଧ ସମାଜ ବିରୋଧୀ । ସମାଜରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଅପରାଧୀଙ୍କୁ ଅଦାଲତକୁ ଆଣିବାକୁ ପଡିବ ଏବଂ ସେମାନଙ୍କ ଅପରାଧ ପାଇଁ ଦଣ୍ଡ ଦେବାକୁ ପଡିବ । ଏକ ଅପରାଧ ପାଇଁ ଦଣ୍ଡିତ ନହୋଇ କୌଣସି ଅପରାଧୀ ଯେପରି ମୁକ୍ତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ଅଭିଯୋଗ ପକ୍ଷର କର୍ତ୍ତବ୍ୟ ଅଟେ । ଏହା ମଧ୍ୟ ଆଇନର ସ୍ଥିରୀକୃତ ନୀତି ଯେ ନିର୍ଦ୍ଦୋଷଙ୍କୁ ଦଣ୍ଡ ଦିଆଯିବା ଉଚିତ ନୁହେଁ ।

**୩୨.** ଅପରାଧ ସଂରଚନା ପାଇଁ ନ୍ୟାୟାଳୟଙ୍କ ଅନୁମତି ପ୍ରଦାନ କରିବା ସମୟରେ ଏହି ପ୍ରଶ୍ନ ଉଠିଥାଏ ଯେ ଅପରାଧ ଗଠନ ପାଇଁ ଅନୁମତି ପ୍ରଦାନ କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ନ୍ୟାୟାଳୟର ମାର୍ଗଦର୍ଶକ କାରକ କ'ଣ । ନ୍ୟାୟାଳୟ ଦ୍ୱାରା ଅପରାଧ ରଫା କରିବାକୁ ଅନୁମତି ପ୍ରଦାନ କରିବା ସମୟରେ ଅପରାଧର ପ୍ରକୃତି ଏବଂ ସମାଜ ଉପରେ ଏହାର ପ୍ରଭାବ ପ୍ରାସଙ୍ଗିକ ବିଚାର ଅଟେ । ଯେଉଁ ଅପରାଧଗୁଡ଼ିକ ସାଧାରଣ ଜନତାଙ୍କୁ ପ୍ରଭାବିତ କରିଥାଏ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥାଏ, ସେଗୁଡ଼ିକ ଗମ୍ଭୀର ଅପରାଧ, ଅପରାଧର ଏପରି ପ୍ରକୃତି ନ୍ୟାୟାଳୟଙ୍କ ପାଇଁ ଅନୁମତି ପ୍ରଦାନ କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ପ୍ରାସଙ୍ଗିକ ବିଚାର ହୋଇପାରେ । ନଥିରେ ଥିବା ପ୍ରମାଣକୁ ଏକତ୍ରୀକରଣ କରିବା ପରେ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା

ଲିପିବଦ୍ଧ କରାଯାଇଥିବା ଉପସଂହାରକୁ ଯେତେବେଳେ ଆମେ ଯାଞ୍ଚ କରୁ, ଏହା ସ୍ଥାପିତ ହୁଏ ଯେ ଉଭୟ ଅଭିଯୁକ୍ତ ଥାନା ପରିସରରେ ମୃତ ବ୍ୟକ୍ତିଙ୍କୁ ନିର୍ଦ୍ଦୟ ଭାବରେ ପିଟିଛନ୍ତି । ଅଭିଯୁକ୍ତଙ୍କ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶରୀରରେ ଏଗାରଟି ଆଘାତ ହୋଇଥିଲା । ନିମ୍ନ ଅଦାଲତ ଦ୍ୱାରା ବିଶ୍ୱାସ କରାଯାଇଥିବା ପିଡବ୍ଲ୍ୟୁ -୧ ଙ୍କ ବୟାନ ଅନୁଯାୟୀ ପୀଡ଼ିତଙ୍କୁ ନିର୍ଦ୍ଦୟ ଭାବରେ ପିଟାଯାଇଥିଲା ଯାହା ଦ୍ୱାରା ସେ ମଳ, ମୂତ୍ର କରିଥିଲେ ଏବଂ ରକ୍ତସ୍ରାବ ଆରମ୍ଭ ହୋଇଥିଲା ।

**୩୩.** ଆମେ **ପ୍ରାଦେଶିକ ସରକାର, କେନ୍ଦ୍ରୀୟ ପ୍ରଦେଶ ଏବଂ ବେରାର ବନାମ ବିପିନ ସିଂ ଚୌଧୁରୀ, ଏଆଇଆର (୧୯୪୫) ନାଗପୁର, ଅଓଧ, ପେଶାୱାର ଏବଂ ସିନ୍ଧ ୧୦୪** ରେ ସୂଚିତ କରାଯାଇଥିବା ନାଗପୁର ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇ ଜଣିଆ ଖଣ୍ଡପୀଠର ରାୟକୁ ଉଲ୍ଲେଖ କରିପାରିବା, ଯେଉଁଠାରେ ବିଚାରପତି ଭିଭିଆନ୍ ବୋଷଙ୍କୁ (ସେତେବେଳେ ସେ ଥିଲେ) ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଦଫା ୩୪୫ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୮୯୮ ର ବ୍ୟବସ୍ଥା ଉପରେ ବିଚାର କରିବାର ସୁଯୋଗ ପାଇଥିଲେ, ଯାହା ସିଆରପିସି ଦଫା ୩୨୦ ସହିତ *ସମାନ ବ୍ୟବସ୍ଥା* ଅଟେ । ଉପରୋକ୍ତ ମାମଲାରେ, ସରକାର ଏକ ଆବେଦନ ଦାଖଲ କରିଥିଲେ ଯେଉଁଥିରେ ସିଆରପିସି ଦଫା ୩୪୫(୨) ଅନୁଯାୟୀ ପ୍ରତାରଣା ଅପରାଧର ରଫା ଅନୁମତି ଦିଆଯାଇଥିଲା । ସେହି ମାମଲାରେ ଅଭିଯୁକ୍ତ ଉତ୍ତରଦାତା ପ୍ରତାରଣା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେ ଜଣେ ମକଦ୍ଦମାକାରୀଙ୍କୁ ପ୍ରତାରଣା କରିଥିଲେ । ଅଭିଯୁକ୍ତ ଜଣକ ଉଚ୍ଚ ନ୍ୟାୟାଳୟରେ କିରାଣୀ ଥିଲେ । ସେ ଅଭିଯୋଗକାରୀଙ୍କୁ ତାଙ୍କୁ

ଟ.୨୦୦୦.୦୦ ଙ୍କା ଦେବାକୁ ପ୍ରବର୍ତ୍ତାଇଥିଲେ ଏହା କହି ଯେ ଅଭିଯୁକ୍ତ ଏହାକୁ ଅଭିଯୋଗକାରୀଙ୍କ ମାମଲାର ଦାୟିତ୍ୱରେ ଥିବା ବିଚାରପତିଙ୍କ ମଧ୍ୟରୁ ଜଣକୁ ଲାଞ୍ଚ ଭାବରେ ହସ୍ତାନ୍ତର କରିବେ । ବିଦ୍ୱାନ ମାଜିଷ୍ଟ୍ରେଟ୍ ମଞ୍ଜୁରି ପ୍ରଦାନ କରି କହିଛନ୍ତି ଯେ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ବନ୍ଧୁ ଥିଲେ ଏବଂ ସେମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ବିଘ୍ନ ଘଟାଇବା ଦୁଃଖର ବିଷୟ ହେବ, ଯାହା ସହିତ ଜନସାଧାରଣ ସମ୍ପୃକ୍ତ ନୁହଁନ୍ତି ଏବଂ ଯେଉଁଥିରେ ସେମାନେ ଆଗ୍ରହୀ ନୁହଁନ୍ତି ।

**୩୪.** ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ଖଣ୍ଡପୀଠ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ସହିତ ଅସହମତି ପ୍ରକାଶ କରିଥିଲେ । ନ୍ୟାୟାଳୟ କହିଛନ୍ତି ଯେ ଏହି ମାମଲା ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ ।  ଉପରୋକ୍ତ ମାମଲାରେ ଖଣ୍ଡପୀଠ ନିମ୍ନଲିଖିତ ରାୟ ଦେଇଛନ୍ତି:-

> "... ତେବେ, ମାମଲାଟି ଗୁରୁତର ହୋଇଛି ଯେତେବେଳେ ଆମେ ଜାଣୁ ଯେ ପ୍ରତାରଣା କରିଥିବା ବ୍ୟକ୍ତି ହେଉଛନ୍ତି ନ୍ୟାୟାଳୟଙ୍କ ଜଣେ କିରାଣୀ ।  ନ୍ୟାୟାଳୟ ସହିତ ସଂଯୁକ୍ତ ସମସ୍ତ ସରକାରୀ କର୍ମଚାରୀ ନ୍ୟାୟାଳୟର ସମ୍ମାନ ଏବଂ ଅଖଣ୍ଡତାର ନ୍ୟାସୀ ଏବଂ ସଂରକ୍ଷକ ଅଟନ୍ତି । ଯଦି ସେମାନଙ୍କ ମଧ୍ୟରୁ କେହି ଅଦାଲତକୁ ପ୍ରବେଶ କରିବାକୁ ଚାହୁଁଥିବା ଲୋକଙ୍କଠାରୁ ବେଆଇନ ପରିତୃପ୍ତି କିମ୍ବା ଅର୍ଥ ଆଦାୟ କରିବାକୁ ଚେଷ୍ଟା କରନ୍ତି, କିମ୍ବା ସେମାନଙ୍କୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରନ୍ତି ଏବଂ ନିଜ ପଦବୀର ଅପବ୍ୟବହାର କରି ନିଜକୁ ସମୃଦ୍ଧ କରିବାକୁ ଚେଷ୍ଟା କରନ୍ତି, ତେବେ ଏହା ଏକ ଗୁରୁତର ଗୁରୁତ୍ୱପୂର୍ଣ୍ଣ ବିଷୟ  ଅଟେ । ଜୀବନର ଏହି ଶ୍ରେଣୀର ବ୍ୟକ୍ତିମାନଙ୍କୁ ସାଧାରଣ ଅଜ୍ଞ ଜନସାଧାରଣଙ୍କ ଦ୍ୱାରା ପ୍ରଭାବଶାଳୀ ଏବଂ କିଛି

କର୍ତ୍ତୃତ୍ୱର ବ୍ୟକ୍ତି ଭାବରେ ବିବେଚନା କରାଯାଏ । ତେଣୁ ଯଦି ସେମାନେ କାର୍ଯ୍ୟାଳୟରେ ନିଜ ପଦବୀ କାରଣରୁ ରଖାଯାଇଥିବା ଆତ୍ମବିଶ୍ୱାସର ଅପବ୍ୟବହାର କରନ୍ତି, ତେବେ ଏହା ଜନସାଧାରଣଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଯାଏ । ଆମ ମତରେ, ଅନ୍ୟଥା ବିଚାର କରିବା ବିକୃତ ଅଟେ । ଯଦି କେବେ ଏପରି କୌଣସି ମାମଲା ଥିଲା ଯେଉଁଥିରେ ସମ୍ମିଶ୍ରଣକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ୍ ଥିଲା, ତେବେ ଏଇଟି ଏପରି ଏକ ମାମଲା..... "

**୩୫.** ଏହି ରାୟର ସମ୍ବନ୍ଧ ହେଉଛି ଯେ ଯଦି ସରକାରୀ ପଦବୀରେ ଥିବା ଲୋକମାନେ ନିଜ ପଦବୀର ଅପବ୍ୟବହାର କରନ୍ତି, ତେବେ ଏହା ଜନସାଧାରଣଙ୍କ ଚିନ୍ତାର ବିଷୟ ହୋଇଯାଏ । ନାଗପୁର ଉଚ୍ଚ ନ୍ୟାୟାଳୟର ଉପରୋକ୍ତ ମତକୁ ଆମେ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛୁ ।

**୩୬.** ବର୍ତ୍ତମାନ ହେଉଛି ଏକ ମାମଲା ଯେଉଁଥିରେ ଅପରାଧଟି ପୁରୀଘାଟ ଥାନା ଦାୟିତ୍ୱରେ ଥିବା ଅଧିକାରୀ ତଥା ସେହି ସମାନ ଥାନାରେ ନିଯୁକ୍ତ ବରିଷ୍ଠ ଆରକ୍ଷୀ ନିରୀକ୍ଷକ ଙ୍କ ଦ୍ୱାରା କରାଯାଇଥିଲା । ରାଜ୍ୟର ପୋଲିସ ଆଇନ ଶୃଙ୍ଖଳା ରକ୍ଷାକାରୀ । ଲୋକମାନେ ସେମାନଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ପୋଲିସ ଉପରେ ନିର୍ଭର କରିଥାନ୍ତି । ଲୋକମାନେ ଏହି ଆଶାରେ ଥାନାକୁ ଯାଆନ୍ତି ଯେ ସେମାନଙ୍କର ଜୀବନ ଏବଂ ସମ୍ପତ୍ତି ପୋଲିସ ଦ୍ୱାରା ସୁରକ୍ଷିତ ରହିବ ଏବଂ ଅନ୍ୟାୟ ତଥା ସେମାନଙ୍କ ଉପରେ ହୋଇଥିବା ଅପରାଧର ପ୍ରତିକାର ହେବ ଏବଂ ଦୋଷୀ ଦଣ୍ଡ ପାଇବ । ଯେତେବେଳେ ଜନସାଧାରଣ ଏବଂ ସମାଜର ରକ୍ଷକ ନିଜେ ଲୋକମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ବର୍ବରତା ଅବଲମ୍ବନ କରନ୍ତି ଏବଂ ଥାନାକୁ ଆସୁଥିବା ବ୍ୟକ୍ତିଙ୍କୁ ଅମାନବୀୟ ଭାବରେ

ପିଟିଥାନ୍ତି, ଏହା ଏକ ଗୁରୁତର ଜନସାଧାରଣଙ୍କ ଚିନ୍ତାର ବିଷୟ । ଥାନାରେ ଜଣେ ବ୍ୟକ୍ତିଙ୍କୁ ପିଟିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ଏବଂ ସମଗ୍ର ସମାଜରେ ଭୟର ଭାବନା ସୃଷ୍ଟି କରେ ।

**୩୭.** ଆମେ **ଯଶୱନ୍ତ ଏବଂ ଅନ୍ୟମାନେ ବନାମ ମହାରାଷ୍ଟ୍ର ରାଜ୍ୟ, (୨୦୧୯) ୧୮ ଏସସିସି ୫୭୧** ମାମଲାରେ ଏହି ନ୍ୟାୟାଳୟର ରାୟକୁ ଉଲ୍ଲେଖ କରିପାରିବା, ଯେଉଁଠାରେ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେତେବେଳେ ପୋଲିସ ଆଇନର ଉଲ୍ଲଂଘନକାରୀ ହୋଇଥାଆନ୍ତି, ଯାହାଙ୍କର ପ୍ରାଥମିକ ଦାୟିତ୍ୱ ଆଇନର ସୁରକ୍ଷା କରିବା, ଏହିପରି ଉଲ୍ଲଂଘନର ଦଣ୍ଡ ଆନୁପାତିକ ଭାବରେ କଠୋର ହେବା ଆବଶ୍ୟକ ଯାହା ପ୍ରଭାବଶାଳୀ ପ୍ରତିରୋଧକ ପ୍ରଭାବ ପକାଇବ ଏବଂ ସମାଜରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଅନୁଚ୍ଛେଦ ୩୪ ରେ ନିମ୍ନମତେ ଉଲ୍ଲେଖ କରାଯାଇଛି:-

> "୩୪. ଯେହେତୁ ଏହି ମାମଲାରେ ପୋଲିସ ଆଇନର ଉଲ୍ଲଂଘନକାରୀ, ଯାହାର ଆଇନର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ କରିବାର ପ୍ରାଥମିକ ଦାୟିତ୍ୱ ଥିଲା, ଏହିପରି ଉଲ୍ଲଂଘନ ପାଇଁ ଦଣ୍ଡକୁ ଆନୁପାତିକ ଭାବରେ କଠୋର ହେବାକୁ ବାଧ କରେ ଯାହା ଫଳପ୍ରଦ ପ୍ରତିରୋଧକ ପ୍ରଭାବ ପକାଇବ ଏବଂ ସମାଜରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ପ୍ରସଙ୍ଗ ବାହାରକୁ ନଯାଇ ଏହା ସ୍ମରଣ କରିବା ଆବଶ୍ୟକ  ଯେ ମହାରାଷ୍ଟ୍ର ରାଜ୍ୟ ପୋଲିସର ଲକ୍ଷ୍ୟ ହେଉଛି *"ସଦରକ୍ଷଣୟ ଖଲାନିଗ୍ରହନୟ"* (ସଂସ୍କୃତ: "ଭଲକୁ ରକ୍ଷା କରିବା ଏବଂ ମନ୍ଦକୁ ଦଣ୍ଡ ଦେବା"), ଯାହାକୁ ସମ୍ମାନ ଦେବା ଆବଶ୍ୟକ । ଯେଉଁମାନେ ଫୌଜଦାରୀ ଆଇନର ପରିଚାଳନା ପାଇଁ ଆହ୍ୱାନ ପାଇଛନ୍ତି, ସେମାନେ ମନେ ରଖିବା ଉଚିତ ଯେ ସେମାନଙ୍କର

କର୍ତ୍ତବ୍ୟ କେବଳ ସେମାନଙ୍କ ସମ୍ମୁଖରେ ଥିବା ଅଭିଯୁକ୍ତଙ୍କ ପ୍ରତି ନୁହେଁ, ବରଂ ରାଜ୍ୟ ତଥା ସମୁଦାୟ ପ୍ରତି ମଧ୍ୟ । ପୋଲିସ ସହିତ ଜଡିତ ଏପରି ଘଟଣା ସାଧାରଣତଃ ଘରୋଇ ବ୍ୟକ୍ତିଙ୍କ ସହ ଜଡିତ ଘଟଣା ଅପେକ୍ଷା ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ଆତ୍ମବିଶ୍ୱାସ ହ୍ରାସ କରିଥାଏ । ଏଠାରେ ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସମୟରେ ଆମେ ଏହି ଦିଗକୁ ମଧ୍ୟ ଧ୍ୟାନରେ ରଖିବା ଉଚିତ ।"

**୩୮.** ଉପରେ ଉଲ୍ଲେଖ କରାଯାଇଥିବା ପର୍ଯ୍ୟବେକ୍ଷଣଗୁଡ଼ିକ ବର୍ତ୍ତମାନର ମାମଲାର ତଥ୍ୟ ପ୍ରତି ସମ୍ପୂର୍ଣ୍ଣ ଆକର୍ଷିତ । ତେଣୁ, ଆମର ବିଚାରଯୋଗ୍ୟ ମତ ହେଉଛି ଯେ ବର୍ତ୍ତମାନ ଏହା ଏକ ମାମଲା ଯେଉଁଠାରେ ଆବେଦନକାରୀଙ୍କ ଓକିଲ ଯେପରି ଅନୁରୋଧ କରିଛନ୍ତି ଆଇପିସି ଧାରା ୩୨୪ ଅନୁଯାୟୀ ଅପରାଧକୁ ରଫା କରିବା ପାଇଁ ଏହି ନ୍ୟାୟାଳୟ ଅନୁମତି ପ୍ରଦାନ କରିବେ ନାହିଁ । ବର୍ତ୍ତମାନ ଏହା ଏକ ମାମଲା ଯେଉଁଠାରେ ପୋଲିସ୍ ଅଧିକାରୀ ଥିବା ଅଭିଯୁକ୍ତମାନେ, ସେମାନଙ୍କ ମଧ୍ୟରୁ ଜଣେ ଥାନା ଦାୟିତ୍ୱରେ ଥାଇ ଏବଂ ଅନ୍ୟ ଜଣେ ବରିଷ୍ଠ ନିରୀକ୍ଷକ ଥାଇ, ନିଜେ ସେହି ରାତିରେ ମୃତ୍ୟୁବରଣ କରିଥିବା ମୃତ ବ୍ୟକ୍ତିଙ୍କୁ ନିର୍ଦ୍ଦୟ ଭାବରେ ପିଟିଛନ୍ତି । ଉପ-ଦଫା (୫) ସହିତ ପଢାଯାଇଥିବା ଦଫା ୩୨୦ (୨) ର ପ୍ରୟୋଗରେ ନ୍ୟାୟାଳୟ ସେମାନଙ୍କ ଅପରାଧକୁ ରଫା କରିପାରିବେ ନାହିଁ । ତେଣୁ, ଅପରାଧକୁ ପ୍ରଶମନ କରିବା ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ ।

**୩୯.** ତା ୧୭.୧୨.୨୦୨୦ ରିଖରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରୁ ଏହି ନ୍ୟାୟାଳୟ ଆବେଦନକାରୀମାନଙ୍କ ଓକିଲଙ୍କ ଉପସ୍ଥାପନାକୁ ଲକ୍ଷ୍ୟ କରିଛନ୍ତି ଯେ

ସେମାନେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ଅଛନ୍ତି । ଉକ୍ତ ବିବୃତିକୁ ଧ୍ୟାନରେ ରଖି ନ୍ୟାୟାଳୟ ଏହି ପ୍ରସଙ୍ଗରେ ନୋଟିସ୍ ଜାରି କରିଥିଲେ । ଆବେଦନକାରୀମାନେ ମଧ୍ୟ ତା ୧୭.୧୨.୨୦୨୦ ରିଖ ଆଦେଶରେ ଲେଖା ହୋଇଥିବା ପ୍ରକାରେ ସେମାନଙ୍କର ଓକିଲଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ପ୍ରତ୍ୟେକଙ୍କୁ ୩.୫ ଲକ୍ଷ ଟଙ୍କା ଲେଖାଏଁ ଜମା କରିଛନ୍ତି ।

**୪୦.** ମୃତ ବ୍ୟକ୍ତିଙ୍କ ଉପରେ ହେପାଜତ ହିଂସା ଯାହା ମୃତ୍ୟୁର କାରଣ ହୋଇଥିଲା ତାହା ଘୃଣ୍ୟ ଏବଂ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଅପରାଧ କେବଳ ମୃତ ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧ ନୁହେଁ ବରଂ ମାନବତା ବିରୋଧୀ ଏବଂ ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟାଭୂତି ଦିଆଯାଇଥିବା ଅଧିକାରର ସ୍ପଷ୍ଟ ଉଲ୍ଲଂଘନ ଥିଲା । ଯଦିଓ ଉଚ୍ଚ ନ୍ୟାୟାଳୟ ମୃତକଙ୍କ ଆଇନଗତ ପ୍ରତିନିଧିଙ୍କ ସପକ୍ଷରେ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି ଆମେ ମତ ରଖିଛୁ ଯେ ପ୍ରଦାନ କରାଯାଇଥିବା କ୍ଷତିପୂରଣ ପର୍ଯ୍ୟାପ୍ତ ନୁହେଁ ।

**୪୧.** ଆମେ ଆହୁରି ଧ୍ୟାନ ଦେଇପାରିବା ଯେ ଏହି ନ୍ୟାୟାଳୟ ଏହି ମତ ପୋଷଣ କରିଛନ୍ତି ଯେ ଅପରାଧର ପ୍ରଶମନ ପାଇଁ ଅନୁରୋଧ ପ୍ରତ୍ୟାଖ୍ୟାନ ହୋଇଥିଲେ ମଧ୍ୟ ନ୍ୟାୟାଳୟ ଉପଯୁକ୍ତ ମାମଲାରେ ଦଣ୍ଡାଦେଶର ପ୍ରଶ୍ନ ଉପରେ ବିଚାର କରିପାରିବେ । ଆମେ **ଗୁଲାବ ଦାସ ଏବଂ ଅନ୍ୟମାନେ ବନାମ ମଧ୍ୟପ୍ରଦେଶ ରାଜ୍ୟ, (୨୦୧୧) ୧୦ ଏସସିସି ୭୬୫** ବିଷୟରେ ଉଲ୍ଲେଖ କରିପାରିବା । ଉପରୋକ୍ତ ମାମଲାରେ, ନ୍ୟାୟାଳୟ ଅପରାଧକୁ ପ୍ରଶମନ କରିବାକୁ ମନା କରିଦେଇଥିଲେ କିନ୍ତୁ ନ୍ୟାୟାଳୟ ଦଣ୍ଡାଦେଶର

ପ୍ରଶ୍ନରେ ହସ୍ତକ୍ଷେପ କରିବାକୁ ଅଗ୍ରସର ହୋଇଥିଲେ । ଅନୁଚ୍ଛେଦ ୧୦ ରେ, ନିମ୍ନଲିଖିତ ଭାବେ ଅଧିକଥିତ କରାଯାଇଥିଲା:-

> "୧୦. ଏହା କହିବା ପରେ, ଆମର ମତ ହେଉଛି ଯେ ଆବେଦନକାରୀମାନଙ୍କୁ ଦଣ୍ଡାଦେଶର ପରିମାଣ ନିର୍ଦ୍ଧାରଣ ଉଦ୍ଦେଶ୍ୟ ପାଇଁ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ବୁଝାମଣା/ଆପୋଷ ବୁଝାମଣାକୁ ବିଚାରକୁ ନିଆଯାଇପାରିବ । ଏହା ହେଉଛି ଠିକ୍ ସେହି ଆଭିମୁଖ୍ୟ ଯାହା ଏହି ନ୍ୟାୟାଳୟ ଉପରୋକ୍ତ ମାମଲାରେ ଗ୍ରହଣ କରିଛନ୍ତି । ଏପରିକି ଯେତେବେଳେ ରଫା ପାଇଁ କରାଯାଇଥିବା ଅନୁରୋଧ ପ୍ରତ୍ୟାଖ୍ୟାନ ହୋଇଛି, ଏହି ନ୍ୟାୟାଳୟ ଉପରୋକ୍ତ ଦୁଇଟି ମାମଲାରେ ଦଣ୍ଡାଦେଶର ପ୍ରଶ୍ନ ସହିତ ବିଚାର କରିବା ସମୟରେ ପକ୍ଷମାନଙ୍କ ମଧ୍ୟରେ ମୀମାଂସାର ତଥ୍ୟକୁ ବିଚାରକୁ ନେଇଛନ୍ତି । ପକ୍ଷମାନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିବା ତଥ୍ୟ ବ୍ୟତୀତ, ଅନ୍ୟ କିଛି ପରିସ୍ଥିତି ଅଛି ଯାହା ଆବେଦନକାରୀଙ୍କୁ ଦିଆଯାଇଥିବା ଦଣ୍ଡାଦେଶର ପ୍ରଶ୍ନ ଉପରେ ହସ୍ତକ୍ଷେପ କରିବାକୁ ଆମକୁ ପ୍ରବର୍ତ୍ତାଇଥାଏ ।"

**୪୨.** ସମାନ ପ୍ରଭାବ ପାଇଁ **ଈଶ୍ୱର ସିଂ ବନାମ ମଧ୍ୟପ୍ରଦେଶ ରାଜ୍ୟ, (୨୦୦୮) ୧୫ ଏସସିସି ୬୬୭** ରେ ଏହି ନ୍ୟାୟାଳୟଙ୍କ ଅନ୍ୟ ଏକ ରାୟର ଅନୁଚ୍ଛେଦ ୧୨, ୧୩ ଏବଂ ୧୪ ରେ ନିମ୍ନଲିଖିତ ଭାବରେ ଧାର୍ଯ୍ୟ କରାଯାଇଥିଲା:-

> "୧୨. ଆଇପିସି ର ଧାରା ୩୦୭ ଅନୁଯାୟୀ ଦଣ୍ଡନୀୟ ଏକ ଅପରାଧ ରଫାଯୋଗ୍ୟ ଅପରାଧ ନୁହେଁ ବୋଲି ବର୍ତ୍ତମାନ ଏହା କୁହାଯାଇପାରିବ ନାହିଁ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଦଫା ୩୨୦ ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଯଦି

କୌଣସି ଅପରାଧ ସଂହିତା ଅଧୀନରେ ସମାଧାନଯୋଗ୍ୟ ନୁହେଁ, ତେବେ ତାହା ରଫା ହେବ ନାହିଁ । ଏଥି ସହିତ, ତଥାପି, ଏହିପରି ମାମଲା ପରିଚାଳନା କରିବା ସମୟରେ, ଏହି ନ୍ୟାୟାଳୟ ଦଣ୍ଡ ହ୍ରାସ ଉଦ୍ଦେଶ୍ୟରେ ପକ୍ଷମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ବିଷୟରେ ଏକ ପ୍ରାସଙ୍ଗିକ ଏବଂ ଗୁରୁତ୍ୱପୂର୍ଣ୍ଣ ବିଚାରକୁ ଧ୍ୟାନରେ ରଖିପାରିବେ ।

୧୩. *ଜେଠା ରାମ ବନାମ ରାଜସ୍ଥାନ ରାଜ୍ୟ, ମୁରୁଗେସନ ବନାମ ଗଣପତି ଭେଲାର ଏବଂ ଈଶ୍ୱରଲାଲ ବନାମ ଏମ. ପି. ରାଜ୍ୟ* ମାମଲାରେ ଏହି ନ୍ୟାୟାଳୟ ପକ୍ଷମାନଙ୍କ ମଧ୍ୟରେ ଆପୋଷ ବୁଝାମଣାର ତଥ୍ୟକୁ ଧ୍ୟାନରେ ରଖି, ଆବେଦନକାରୀ-ଅଭିଯୁକ୍ତଙ୍କ ଉପରେ ପୂର୍ବରୁ ଭୋଗି ସାରିଥିବା ଲାଗୁ ଦଣ୍ଡାଦେଶକୁ ହ୍ରାସ କରିଥିଲେ, ଯଦିଓ ଅପରାଧଗୁଡ଼ିକ ରଫାଯୋଗ୍ୟ ନଥିଲା । କିନ୍ତୁ ମହେଶ ଚାନ୍ଦ ବନାମ ରାଜସ୍ଥାନ ରାଜ୍ୟ ମାମଲାରେ ଏହା ମଧ୍ୟ କୁହାଯାଇଥିଲା ଯେ ଏପରି ଅପରାଧକୁ ରଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

୧୪. ଆମର ବିଚାରଯୋଗ୍ୟ ମତରେ, ବୈଧାନିକ ବ୍ୟବସ୍ଥାଗୁଡ଼ିକୁ ଅଣଦେଖା କରି ଏବଂ ଅଲଗା ରଖି ସଂହିତା ଅଧୀନରେ ସମାଧାନଯୋଗ୍ୟ ନଥିବା ଏକ ଅପରାଧକୁ ପ୍ରଶମନ ଆଦେଶ ଦେବା ଉପଯୁକ୍ତ ହେବ ନାହିଁ । ଆମ ରାୟରେ, ତଥାପି, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ସୀମିତ ନିବେଦନକୁ ବିଚାରକୁ ନେବା ଉଚିତ ହେବ ଯେ ମୂଳ ଦଣ୍ଡାଦେଶ ଲାଗୁ କରିବା ସମୟରେ, ପକ୍ଷମାନଙ୍କ ମଧ୍ୟରେ ଆପୋଷ ବୁଝାମଣାର ତଥ୍ୟ ପ୍ରକୃତରେ ଏକ ପ୍ରାସଙ୍ଗିକ ପରିସ୍ଥିତି ଯାହାକୁ ନ୍ୟାୟାଳୟ ଧ୍ୟାନରେ ରଖିପାରିବେ ।"

**୪୩.** ଉଭୟ ଆବେଦନକାରୀଙ୍କ ବୟସ ବର୍ତ୍ତମାନ ୭୫ ବର୍ଷରୁ ଅଧିକ ହୋଇଥିବା ତଥ୍ୟକୁ ଦୃଷ୍ଟିରେ ରଖି, ଆମର ବିଚାରଯୋଗ୍ୟ ମତ ହେଉଛି ଯେ ଆଇପିସି ଦଫା ୩୨୪ ଅନୁଯାୟୀ ଦୋଷୀ ସାବ୍ୟସ୍ତକରଣ ପାଇଁ ଦିଆଯାଇଥିବା ଦଣ୍ଡାଦେଶକୁ ଏକ ବର୍ଷ ପରିବର୍ତ୍ତେ ଛଅ ମାସକୁ ହ୍ରାସ କରିବା ଦ୍ୱାରା ନ୍ୟାୟର ଉଦ୍ଦେଶ୍ୟ ପୂରଣ ହେବ । ଏହା ବ୍ୟତୀତ ଆବେଦନକାରୀଙ୍କ ଦ୍ୱାରା ଏହି ଅଦାଲତରେ ପ୍ରଦାନ କରାଯାଇଥିବା ଏବଂ ଜମା କରାଯାଇଥିବା କ୍ଷତିପୂରଣ ଦ୍ୱାରା ମୃତ ବ୍ୟକ୍ତିଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ଦିଆଯାଇପାରିବ । ଅତଏବ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣ ସହିତ ମୃତକଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ବାବଦକୁ ପ୍ରତ୍ୟେକଙ୍କୁ ୩.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ବିଚାର କରି ଏକ ବର୍ଷର ଦଣ୍ଡାଦେଶକୁ ଛଅ ମାସକୁ ହ୍ରାସ କରାଯାଇଛି । ଏହି ନ୍ୟାୟାଳୟଙ୍କ ନିକଟରେ ଜମା କରାଯାଇଥିବା କ୍ଷତିପୂରଣ ବିଚାରଣ ନ୍ୟାୟାଳୟକୁ ପଠାଯିବ, ଯିଏ ମୃତକଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ ସେହି ଅର୍ଥ ପ୍ରଦାନ କରିବେ । ଆମ ସମ୍ମୁଖରେ ଶପଥ ପତ୍ର ଦାଖଲ କରାଯାଇଛି ଯେ ମୃତକଙ୍କର ଚାରି ପୁଅ ଥିଲେ, ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି, ସମ୍ପୂର୍ଣ୍ଣ ରାଶି ଦୁଇ ଜୀବିତ ପୁଅ ଏବଂ ଦୁଇ ମୃତ ପୁଅଙ୍କ ଉତ୍ତରାଧିକାରୀଙ୍କୁ ସମାନ ଭାବରେ ବଣ୍ଟନ କରାଯିବ ।

**୪୪.** ଫଳସ୍ୱରୂପ, ଆବେଦନଗୁଡ଼ିକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି । ଆଇପିସି ଦଫା ୩୨୪ ଅନୁଯାୟୀ ଆବେଦନକାରୀମାନଙ୍କୁ ଦିଆଯାଇଥିବା ଏକ ବର୍ଷର ଦଣ୍ଡାଦେଶକୁ ଛଅ ମାସକୁ ହ୍ରାସ କରାଯାଇଛି ଏବଂ ମୃତ ବ୍ୟକ୍ତିଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଧିନିର୍ଣ୍ଣିତ କ୍ଷତିପୂରଣ ପ୍ରଦାନ ବ୍ୟତୀତ ପ୍ରତ୍ୟେକଙ୍କୁ ୩.୫ ଲକ୍ଷ ଟଙ୍କା

ଲେଖାଏଁ କରି କ୍ଷତିପୂରଣକୁ ବୃଦ୍ଧି କରାଯାଇଛି । ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ଆଇନଗତ ଉତ୍ତରାଧିକାରୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ।

...... ନ୍ୟାୟମୂର୍ତ୍ତି
**(ଅଶୋକ ଭୂଷଣ)**

...... ନ୍ୟାୟମୂର୍ତ୍ତି
**(ଅଜୟ ରସ୍ତୋଗୀ)**

**ନୂଆ ଦିଲ୍ଲୀ,**
**୧୧ ଫେବୃଆରୀ, ୨୦୨୧**

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
Subodh Rout,
Translator, High Court of Orissa